ସଂକ୍ଷେପରେ

## ସରିଲା ଆକ୍ୱା ଏକ୍ସପୋ

ବାଲେଶ୍ୱର ଅଫିସ,୨୪।୨-ବାଲେଶ୍ୱର ସହର ଆଇଟିଆଇ ପଡ଼ିଆରେ ଚାଲିଥିବା ଆକ୍ୱା ଏକ୍ସପୋ ଓଡ଼ିଶା ସୋମବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକାରୀ ସମ୍ପାଦକ ସଂଗ୍ରାମ ଦାସ ସଭାପତିତ୍ୱ କରିଥିବା ବେଳେ ସାଙ୍ଗଠନିକ ସମ୍ପାଦକ ପର୍ଶୁରାମ ବେହେରା ସଭା ପରିଚାଳନା କରିଥିଲେ। ଜିଲା ମତ୍ସ୍ୟଚାଷୀ ସଂଘର ସମ୍ପାଦକ ଅଭୟ କୁମାର ମହାପାତ୍ର, ସେଫ୍ ସି ଫୁଡ୍‌ର ପ୍ରୋପାଇଟର ଦିଲ୍ଲୀପ ସାହୁ, ଆକ୍ୱା ଏକ୍ସପୋ ଓଡ଼ିଶା-୨୦୨୦ର ବରିଷ୍ଠ ସଦସ୍ୟ ପ୍ରଶାନ୍ତ ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମର ସଫଳତା ପ୍ରକାଶ କରିଥିଲେ।

## ରାଜସ୍ଥାନରେ ଓଡ଼ିଆ କାରିଗରଙ୍କ ମୃତ୍ୟୁ

**ସଜନାଗଡ଼,୨୪।୨(ଡି.ଏନ.ଏ.)**-ରାଜସ୍ଥାନ ଜୟପୁରଠାରେ ନୀଳଗିରି ଅଞ୍ଚଳର ପଥରମୂର୍ତ୍ତି କାରିଗରଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକର କାଣ୍ଡଗରଡ଼ି ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ବୈଷ୍ଣବ ସାମଲଙ୍କ ପୁଅ ଚକ୍ରଧର (୩୫) ଜଣେ ପଥରମୂର୍ତ୍ତି କାରିଗର ଭାବେ ଖ୍ୟାତି ଅର୍ଜନ କରି ରାଜସ୍ଥାନ ଜୟପୁରଠାରେ କାର୍ଯ୍ୟ କରିଆସୁଥିଲେ। ଗତ ୨୨ ତାରିଖ ଅପରାହ୍ନ ପ୍ରାୟ ୫ଟାରେ ତାଙ୍କ ଦେହ ଅସୁସ୍ଥ ଲାଗିବାରୁ କାର୍ଯ୍ୟରତ ବନ୍ଧୁମାନଙ୍କ ସହଯୋଗରେ ନିକଟସ୍ଥ ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମରଶରୀରକୁ ଏକ ଆମ୍ବୁଲାନ୍ସରେ ରାଜସ୍ଥାନରୁ ନିଜ ଗାଁ ମୁକୁନ୍ଦପୁରରେ ସୋମବାର ଅପରାହ୍ନରେ ଆସି ପହଞ୍ଚିଛି। ମରଶରୀର ନିକଟରେ ବନ୍ଧୁବର୍ଗ, ସମ୍ପର୍କୀୟ, ପଡ଼ୋଶୀଙ୍କ ଭିଡ଼ ଲାଗିଥିଲା। ମୃତକଙ୍କର ୨ଜଣ ଛୋଟ ପିଲା ଥିବାବେଳେ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ଦୁଃଖରେ ଭାଙ୍ଗିପଡ଼ିଛି।

## 'ଯୋଗ ହିଁ ଆତ୍ମା ବ୍ରହ୍ମର ସ୍ୱରୂପ'

**ରୂପ୍‌ସା, ୨୪।୨(ଡି.ଏନ.ଏ.)**- ରୂପ୍‌ସା ଥାନା ହାତିଆଡ଼ିହା ଓ ବାଖରାବାଦ ମୁନି ସମାଜ ଆନୁକୂଲ୍ୟରେ ନୀଳବାଡ଼ି ଗାଁରେ ଶନିବାର ଏକଦିବସୀୟ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯୋଗୀ ଅନନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଏକ ଧାର୍ମିକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାନଖୁଡ଼ି ଆଶ୍ରମର ଯୋଗୀ ନରେନ୍ଦ୍ର ଜେନା ଯୋଗଦେଇ ଯୋଗ ହିଁ ବାସ୍ତବରେ ଆତ୍ମା ବ୍ରହ୍ମର ସ୍ୱରୂପ ଅଟେ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୋଗୀ ଚିତ୍ତରଞ୍ଜନ ଭୂୟାଁ, ଯୋଗୀ ପରମାନନ୍ଦ ବାରିକ, ଯୋଗ ଶିକ୍ଷିକା ଶାନ୍ତିଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଯୋଗୀ ଭିକାରୀଚରଣ ମିସ୍ତ୍ରି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ରାହାସ ବିହାରୀ ବାରିକ ମୁନି ସଙ୍ଗୀତ ଗାନ କରିଥିଲେ। ହାତିଆଡ଼ିହା ଆଶ୍ରମର ଉପାଧକ୍ଷା କନକ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଯୋଗ ଶିକ୍ଷିକା କଳ୍ପନା ମିସ୍ତ୍ରି, ମଞ୍ଜୁଲତା ବେହେରା, ଯୋଗ ଶିକ୍ଷକ ଶଙ୍କର ପାଲ, ଗଙ୍ଗାଧର ପ୍ରଧାନ, ରଘୁନାଥ ବେହେରା ଓ ଶକୁନ୍ତଳା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ନେସ୍କୋ ଆଦାୟ କଲା ୮କୋଟି ୮୪ଲକ୍ଷ ୩୮ହଜାର

**ବାଲେଶ୍ୱର ଅଫିସ, ୨୪।୨**

ବାଲେଶ୍ୱର ନେସ୍କୋ ୟୁଟିଲିଟି ପକ୍ଷରୁ ଗତ ୧୬ ତାରିଖଠାରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲାର ୧୨୦ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ବକେୟା ବିଦ୍ୟୁତ୍ ବିଲ ଆଦାୟ ଓ ସଂଯୋଗ ବିଚ୍ଛିନ୍ନ ଅଭିଯାନ ଆରମ୍ଭ କରାଯାଇଛି। ରବିବାର ସୁଦ୍ଧା ୮ ଦିନରେ ୨୯, ୧୨୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୮କୋଟି ୮୪ଲକ୍ଷ ୩୮ହଜାର ଟଙ୍କା ଆଦାୟ ହୋଇଛି। ୬୩୫୪ଜଣ ଉପଭୋକ୍ତାଙ୍କର ୧୦କୋଟି ୧୫ଲକ୍ଷ ୮ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ସେହିପରି ୮୦୯ଜଣ ଉପଭୋକ୍ତାଙ୍କ ଠାରୁ ୪୪ଲକ୍ଷ ୯୨ହଜାର ଟଙ୍କା ଆଦାୟ କରାଯାଇ ପୁନଃ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ବିଭାଗ ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତିରେ ଜଣାଇ ଦିଆଯାଇଛି।


ବିଦ୍ୟୁତ୍ କର୍ମଚାରୀ ଜଣେ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରୁଛନ୍ତି।

ବାଲେଶ୍ୱର ଜିଲାର ୩୪ ସ୍କ୍ୱାଡ୍ ମାଧମରେ ୬୧୫୩ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୭୧ଲକ୍ଷ ଟଙ୍କା ଆଦାୟ ହୋଇଛି। ୨୦୨୧ ଉପଭୋକ୍ତାଙ୍କର ୨କୋଟି ୨୮ଲକ୍ଷ ୧୯ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ସେହିପରି ଭଦ୍ରକରେ ୧୯ଟି ସ୍କ୍ୱାଡ୍ ମାଧମରେ ୨୮୫୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୨୩ଲକ୍ଷ ୩୭ହଜାର ଟଙ୍କା ଆଦାୟ ହୋଇଛି। ୧୧୦୭ ଉପଭୋକ୍ତାଙ୍କର ୨କୋଟି ୨୧ଲକ୍ଷ ୧୫ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଯାଜପୁରରେ ୨୦ଟି ସ୍କ୍ୱାଡ଼ ମାଧମରେ ୨୪୯୫ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧ କୋଟି ୫୮ଲକ୍ଷ ୮୯ହଜାର ଟଙ୍କା ଆଦାୟ ହୋଇଛି। ୪୫୦ ଉପଭୋକ୍ତାଙ୍କର ୧କୋଟି ୬ଲକ୍ଷ ୪୩ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ମୟୂରଭଞ୍ଜରେ ୨୭ଟି ସ୍କ୍ୱାଡ୍ ମାଧମରେ ୧୨୭୪୨ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୨କୋଟି ୯୩ଲକ୍ଷ ୧୮ହଜାର ଟଙ୍କା ଆଦାୟ ହୋଇଛି। ୧୦୭୪ ଉପଭୋକ୍ତାଙ୍କର ୨କୋଟି ୮ଲକ୍ଷ ୬୮ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। କେନ୍ଦୁଝରରେ ୨୦ଟି ସ୍କ୍ୱାଡ଼ ମାଧମରେ ୪୮୭୭ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୧କୋଟି ୩୭ଲକ୍ଷ ୯୪ହଜାର ଟଙ୍କା ଆଦାୟ ହୋଇଛି। ୧୭୦୨ ଉପଭୋକ୍ତାଙ୍କର ୨କୋଟି ୫୧ଲକ୍ଷ ୩୫ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବା ବିଭାଗୀୟ ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# 'ପ୍ରକଳ୍ପ କାର୍ଯ୍ୟ ମନ୍ଥର ହେଲେ କାର୍ଯ୍ୟାନୁଷ୍ଠାନ'

**ବସ୍ତା, ୨୪।୨(ଡି.ଏନ.ଏ.)**

ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ବାଲେଶ୍ୱର ଜିଲାପାଳ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସୋମବାର ସନ୍ଧ୍ୟାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପହଞ୍ଚି ଆସନ୍ତା ଶିକ୍ଷା ବର୍ଷରେ ବାଲେଶ୍ୱର ଜିଲାର ପ୍ରତ୍ୟେକ ପଞ୍ଚାୟତର ଦୁଇଟି ସ୍କୁଲକୁ ମଡେଲ ସ୍କୁଲ କରିବାକୁ ସୂଚନା ଦେଇଥିଲେ। ଏହି ମଡେଲ ସ୍କୁଲରେ ବିଦ୍ୟାର୍ଥୀଙ୍କ ପାଇଁ ଆବଶ୍ୟକ ଶ୍ରେଣୀ କକ୍ଷ, ବେଞ୍ଚ, ଡେସ୍କ, ବିଜୁଳି ଆଲୁଅ, ଫ୍ୟାନ, ପାନୀୟଜଳ, ବାଳିକା ବାଳିକଙ୍କ ପାଇଁ ପୃଥକ ଶୌଚାଳୟ, ଅକ୍ଷୂର୍ଣ ସ୍କୁଲ ଚଟାଣ, ସ୍କୁଲ କାନ୍ଥରେ ବିଭିନ୍ନ ଶିକ୍ଷଣୀୟ, ମହାପୁରୁଷ ଓ ପ୍ରାକୃତିକ ପରିବେଶ ଚିତ୍ର ଅଙ୍କନ କରାଯିବାକୁ ଜିଲାପାଳ ଦର୍ଶାଇଥିଲେ। ବୈଠକରେ ବ୍ଲକର ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ। ଏହି ବ୍ଲକରେ ୧୨୦୦ ଆବାସ ଯୋଜନାର ନିର୍ମାଣ ହୋଇ ନ ଥିବାରୁ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ । ଯେଉଁ ପଞ୍ଚାୟତରେ ଏସବୁ ପ୍ରକଳ୍ପ କାର୍ଯ୍ୟରେ ମନ୍ଥରତା ଦେଖାଦେଲେ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇଥିଲେ। ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ବିଡିଓ କୁକୁମୀନା ଦାସ, ତହସିଲଦାର କାର୍ତ୍ତିକ କୁମାର ଦାସ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ବିର୍ଲା ଟାୟାର୍ସ ୱାର୍କର୍ସ ୟୁନିୟନ୍ ପକ୍ଷରୁ ଧାରଣା

**ବାଲେଶ୍ୱର ଅଫିସ, ୨୪।୨**

ବିର୍ଲା ଟାୟାର୍ସ କାରଖାନାରେ ବିଭିନ୍ନ ଅନିୟମିତତାର ସିବିଆଇ ତଦନ୍ତ ଦାବି କରି ସୋମବାର ୱାର୍କର୍ସ ୟୁନିୟନ୍ ପକ୍ଷରୁ ଶତାଧିକ କର୍ମଚାରୀ ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ୟୁନିଅନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରେମୁଣା ବ୍ଲକ ବାମପଦା ଛକରେ ୧୯୯୧ରେ ବିର୍ଲା ଟାୟାର୍ସ ନିର୍ମାଣ ହୋଇଥିଲା । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ଓ ଶ୍ରମିକମାନଙ୍କ ଅକ୍ଳାନ୍ତ ପରିଶ୍ରମର ସହଯୋଗରେ କାରଖାନା ପ୍ରତିଷ୍ଠିତ ହେବା ସହ ଭଲ ଉତ୍ପାଦନ କରି ଲାଭ କରିବାରେ ସମର୍ଥ ହୋଇଥିଲା । କିନ୍ତୁ ଚକ୍ରାନ୍ତ ପୂର୍ବକ କାରଖାନାରେ କ୍ଷତି ହେଉଥିବା ମିଥ୍ୟା ବାଲାନ୍ସ ସିଟ୍ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ନିକଟରେ ଉପସ୍ଥାପନା କରାଯାଇଆସୁଛି। ଏନେଇ ବିଭିନ୍ନ ସମୟରେ ୱାର୍କର୍ସ ୟୁନିୟନ ପକ୍ଷରୁ ବିଭିନ୍ନ କୋର୍ଟରେ ମାମଲା ରୁଜୁ କରାଯାଇଥିବା ୱାର୍କର୍ସ ୟୁନିୟନ୍ ସଭାପତି ରାଜେନ୍ଦ୍ର ବଳ କହିଛନ୍ତି। ଅନ୍ୟପକ୍ଷରେ ଜିଲା ଶ୍ରମ ବିଭାଗ ଅଧିକାରୀଙ୍କ ପାଖରେ ବର୍ଷ ବର୍ଷ ଧରି ଅଭିଯୋଗ ପଡ଼ିରହିଥିବା ୟୁନିଅନ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲାରେ ଶିଳ୍ପାୟନକୁ ସୁସ୍ଥ ଓ ଦୃଢ଼ ପ୍ରଗତି କରି ଶ୍ରମିକଙ୍କ ଭବିଷ୍ୟତ ଉପରେ ଗୁରୁତ୍ୱ ଦେବା ପାଇଁ ୟୁନିୟନର ସମ୍ପାଦକ ଦିଲୀପ କୁମାର ପଣ୍ଡା, ସହସମ୍ପାଦକ କମଳାକାନ୍ତ ଗ୍ରହାଚାର୍ଯ୍ୟ, ଉପସଭାପତି ନାରାୟଣ ବେହେରା, ବରିଷ୍ଠ ସଦସ୍ୟ ଅଶୋକ କୁମାର ବେହେରା, ଅଜିତ୍ କୁମାର ଦଳାଇ ପ୍ରମୁଖ ଦାବି କରିଛନ୍ତି।

ଜିଲା ଶ୍ରମ ଅଧିକାରୀ କୁବେର ବେହେରା ମାଟ୍ରିକ ପରୀକ୍ଷାର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବାରୁ ସେ ଅନୁପସ୍ଥିତ ଥିଲେ। ଏ ସମ୍ପର୍କରେ ରୁରାଲ ଲେବର ଇନ୍ସପେକ୍ଟର ଦିଲ୍ଲୀପ ହାଁସଦା କହିଛନ୍ତି ଯେ, ଧାରଣାକାରୀଙ୍କ ଦାବି ସମ୍ପର୍କରେ ସିଧାସଳଖ ଭାବେ ଶ୍ରମ ଅଧିକାରୀ ହସ୍ତକ୍ଷେପ କରିଥାନ୍ତି। ଏ ବିଷୟରେ ସେ ଅବଗତ ନାହାନ୍ତି।



ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ଗାୟତ୍ରୀ ମହାଯଜ୍ଞ, ସଂସ୍କାର ମହୋତ୍ସବ

**ଖଇରା, ୨୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆସ୍ଥିତ ଆର୍ଯ୍ୟ ସଂସ୍କୃତି ଗୁରୁକୁଳ ପରିସରରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ରବିବାର ଓ ସୋମବାର ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ଅନାମ ଚରଣ ପଣ୍ଡାଙ୍କ ଦ୍ୱାରା ଧର୍ମଧ୍ୱଜା ଉତ୍ତୋଳନ କରାଯାଇଥିଲା। କୁପାରୀ ଶୂନ୍ୟମଣ୍ଡପରୁ ୧୫ପୁରୁଷଙ୍କର ମଶାଲ ଓ ହଜାରେରୁ ଊର୍ଦ୍ଧ୍ୱ ମହିଳାଙ୍କର କଳସ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରି ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଥିଲା । ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆଗତ ପରିବ୍ରାଜକ ନୀଳମଣି ଦାସ, ସର୍ବେଶ୍ୱର ଦଳେଇ, ସୁକାନ୍ତ ସ୍ୱାଇଁ, ବସନ୍ତ ସ୍ୱାଇଁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଦିବାକର ବଳିଆର ସିଂ, ଖଗେଶ୍ୱର ଦାସ ଓ ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସମ୍ପୂର୍ଣ୍ଣ ହୋଇଥିଲା । କେନ୍ଦ୍ରାପଡା ବାୟାବାବା କଲେଜର ପୂର୍ବତନ ଅଧକ୍ଷ ପ୍ରଦୀପ କୁମାର ମହାନ୍ତି ୨ଦିନ ସନ୍ଧ୍ୟାରେ ପ୍ରବଚନ ପ୍ରଦାନ କରିଥିଲେ । ସୋମବାର ସନ୍ଧ୍ୟାରେ ଦୀପଯଜ୍ଞର ଆୟୋଜନ କରାଯାଇଥିଲା । ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ଦଳେଇ, ଭୋଳାନାଥ ଶିଅ, ସୁଦର୍ଶନ ହାତୀ, ନାରାୟଣ ଚନ୍ଦ୍ର ସାହୁ, ଭବାନୀ ଶଙ୍କର ପଣ୍ଡା, ମନୋଜ ମହାନ୍ତି, ମୁକୁନ୍ଦ ପ୍ରସାଦ ବାରିକ, ଗଣେଶ ମହାପାତ୍ର, ଜୀବନ ସ, ବସନ୍ତ ସ, କ୍ଷିରୋଦ ମହାପାତ୍ରଙ୍କ ସମେତ ସମସ୍ତ ସିମୁଳିଆ, ଗଡପୋଖରୀ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ମିଳୁନି ସହାୟତା

**ସିମୁଳିଆ, ୨୪।୨(ଡି.ଏନ.ଏ.)**

ସିମୁଳିଆ ବ୍ଲକ ଅଧୀନ ଅଣ୍ଡରାଇ ଅଞ୍ଚଳର ଗୋପିନାଥ ନାୟକ(୫୨) ନାମକ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଗୋପୀନାଥଙ୍କୁ ମିଳିଥିବା ଭିନ୍ନକ୍ଷମ ପ୍ରମାଣପତ୍ରରେ ସେ ୮୦ଶତକଡ଼ା ଭିନ୍ନକ୍ଷମ ଥିବା ଦର୍ଶାଯାଇଛି। ତେବେ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ତାଙ୍କୁ ୭ଶହ ଟଙ୍କା ପରିବର୍ତ୍ତେ ୫ଶହ ଟଙ୍କା ମିଳୁଛି। ଏନେଇ ଆଇନଜୀବୀ କିଶୋର କୁମାର ନାୟକ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁ ବହୁ ହିତାଧିକାରୀ ବଞ୍ଚିତ ହେଉଥିବା ସେ ତାଙ୍କ ପିଟିସନରେ ଦର୍ଶାଇଛନ୍ତି । ମାନବାଧିକାର କମିଶନର ଏ ସମ୍ପର୍କରେ ଜିଲାପାଳଙ୍କୁ ଜବାବ ତଲବ କରିଥିବା ଆଇନଜୀବୀ କିଶୋର କୁମାର ନାୟକ ସୂଚନା ଦେଇଛନ୍ତି । ଏସମ୍ପର୍କରେ ସିମୁଳିଆ ବିଡ଼ିଓ ଡ. ନରହରି ବେହେରାଙ୍କୁ ପଚାରିବାରୁ ସେ ଗୋପୀନାଥଙ୍କ ସମ୍ପର୍କରେ ତଦନ୍ତ କରିବେ ଯଦି ପାଇବା ପାଇଁ ସେ ଯୋଗ୍ୟ ତେବେ ତାଙ୍କୁ ଏହା ପ୍ରଦାନକରାଯିବବୋଲିସେକହିଛନ୍ତି।


ଦିବ୍ୟାଙ୍ଗ ଗୋପୀନାଥ ନାୟକ।

# ପିଠା ପ୍ରତିଯୋଗିତା, ପ୍ରଦର୍ଶନୀ

**ବାଲେଶ୍ୱର ଅଫିସ,୨୪।୨**

- ଯୋଗଦେଲେ ୫୨ ପ୍ରତିଯୋଗୀ
- ବୀଣା ପ୍ରଥମ, ରଶ୍ମି ଦ୍ୱିତୀୟ, ବେବିରାଣୀ ତୃତୀୟ

ବାଲେଶ୍ୱର ସହର ସ୍ଥାନୀୟ ଟାଉନହଲ୍‌ଠାରେ ବାଲେଶ୍ୱର 'ଇନ୍‌ଟାକ୍' ଚାପ୍ଟରର ତୃତୀୟ ଆକର୍ଷଣୀୟ ପୀଠା ପ୍ରତିଯୋଗିତା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୨ଜଣ ପ୍ରତିଯୋଗୀ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବୀଣା ନନ୍ଦୀ ପ୍ରଥମ, ରଶ୍ମି ସାହୁ ଦ୍ୱିତୀୟ ଓ ବେବିରାଣୀ ଦାସ ତୃତୀୟ ସ୍ଥାନ ହାସଲ କରିବା ସହ ୧୦ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପୋଡ଼ ତଥା ସିଝା ପିଠା ସବୁକୁ ମୂଲ୍ୟାୟନ ପାଇଁ ଗ୍ରହଣ କରାଯାଇଥିଲା। ଅନ୍ୟ ସମସ୍ତ ପ୍ରକାର ପିଠା ପ୍ରଦର୍ଶନୀରେ ଦର୍ଶକମାନଙ୍କୁ ବିକ୍ରୟ ପାଇଁ ରଖାଯାଇଥିଲା। ଅତିଥିମାନେ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପିଠାର ମହତ୍ତ୍ୱ ଆଜିକାଲିର ଫାଷ୍ଟଫୁଡ୍ ଯୁଗରେ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତେ ଉପଲବ୍ଧି କରିଥିଲେ।

ବାଲେଶ୍ୱର 'ଇନ୍‌ଟାକ୍' ଚାପ୍ଟରର ଆବାହକ ହିମାଂଶୁ ଦାଶ ସଭାପତିତ୍ୱ କରିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅନ୍ୟ ସବୁ ସଂସ୍ଥାଙ୍କୁ ଏଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସହଆବାହକ ଉଦୟ ରଞ୍ଜନ ଦାସ ବର୍ତ୍ତମାନ ପରିସ୍ଥିତିରେ ପାରମ୍ପରିକ ପିଠା ପ୍ରତିଯୋଗିତାର ଆବଶ୍ୟକତା ଏବଂ ବିଲୁପ୍ତପ୍ରାୟ ପୀଠାର ପୁନଃ ମୂଲ୍ୟାୟନର ସମୟ ଆସିଛି ବୋଲି କହିଥିଲେ। ଚାନ୍ଦିପୁର ପାନ୍ଥନିବାସର ମ୍ୟାନେଜର ସୟଦ ତାରିକ ଅଲ୍ଲୀ, ଅଧ୍ୟାପିକା ବନ୍ଦନା ମହାପାତ୍ର ଓ କୁମ୍‌କୁମ୍ ଦାସ ବିଚାରକ ଭାବେ ଯୋଗଦେଇଥିବା ବେଳେ 'ଇନ୍‌ଟାକ୍' ସଭ୍ୟା ଅଲିଭା ଦାସ, ସଂଘମିତ୍ରା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ହରିହର ଜେନା ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅର୍ଚ୍ଚନା ନନ୍ଦୀ, ଭାବଗ୍ରାହୀ ମହାନ୍ତି ପରିଚାଳନା କରୁଥିବାବେଳେ ସହ-ଆବାହକ ନିକୁଞ୍ଜ ବିହାରୀ ଦାସ, ସଭ୍ୟ ବିଶ୍ୱନାଥ ରଣା, ସପନ ମହାପାତ୍ର, ପ୍ରଦୀପ୍ତ ପଣ୍ଡା, ଯଶୋଦା ନନ୍ଦନ ଆଶ୍, କିଶୋର ଚକ୍ରବର୍ତ୍ତୀ, ହରେନ ରଣା, ଗୌରବ ବେହେରା, ମାତୃଦତ୍ତ ଦାସ, ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ପିଠା ପ୍ରଦର୍ଶନୀକୁ ଜିଲାପାଳ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. eT-M-UGM-PUI-R-95-2020

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ପ୍ରାଥମିକ ରକ୍ଷଣାବେକ୍ଷଣ ଅବସରରେ ପୁରୀ କୋଚିଂ ଡିପୋ ଠାରେ BG ରେଳ କୋଚ୍‌ଗୁଡ଼ିକରେ ଦିନରାତି (Round the clock) ସାଧାରଣ ସାଜସଜ୍ଜା (General Furnishing), ବଢ଼େଇ କାମ (Carpentry), ପାଇପ୍ ଲାଇନ୍ (Plumbing) ଓ ଯାତ୍ରୀ ସୁବିଧା ଦେଖାଶୁଣା କାର୍ଯ୍ୟ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 7,45,63,656.02, EMD (ଟଙ୍କାରେ) : 5,22,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.02.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.03.2020ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍

PR-727/K/19-20



## ବିଜ୍ଞପ୍ତି

ବିଗତ ବର୍ଷ ପରି ଚଳିତ ଶିକ୍ଷାବର୍ଷ ୨୦୨୦-୨୧ରେ Directorate of Elementary Education, Odisha ଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରବେଶିକା ପାଇଁ ପିଲାଙ୍କର ନାମଲେଖା ହେବ। ଏଥିରେ ଶତକଡ଼ା ୨୫ଭାଗ ଗରିବ ଶ୍ରେଣୀ, SC, ST, OBC ପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ବିଦ୍ୟାଳୟ ତରଫରୁ ଶିକ୍ଷା ପାଇବେ। ଯଥା ଶୀଘ୍ର ଆସନ୍ତା ତା୦୨।୦୪।୨୦୨୦ରିଖ ସୁଦ୍ଧା ମାଗଣାରେ ନାମ ଲେଖାଇବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ।

**ସମ୍ପାଦକ/ ପ୍ରଧାନ ଶିକ୍ଷକ, ଶ୍ରୀ ଗୌର ରାଧାକୃଷ୍ଣ ଶିକ୍ଷାକେନ୍ଦ୍ର, ପାଣିସାଉଁଳି, ବାଲେଶ୍ୱର-756049**



## ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା, ଭଦ୍ରକ

ODISHA SKILL DEVELOPMENT AUTHORITY
ତା୨୬।୦୨।୨୦୨୦ (9.00 A.M - 04.00 P.M)
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
Skilled in ODISHA

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀ, ଓଡ଼ିଶା ସରକାର ଓ ଜିଲା ପ୍ରଶାସନ, ଭଦ୍ରକଙ୍କ ମିଳିତ ଆନୁକୂଲ୍ୟରେ ଉପରୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଏକ ଜିଲା ସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି। ଏତଦ୍ୱାରା ଭଦ୍ରକ ଜିଲ୍ଲାର ସମସ୍ତ ବେକାର ଯୁବକ ଯୁବତୀମାନଙ୍କୁ ଏହି ମେଳାରେ ଭାଗନେଇ ତାର ସୁଯୋଗ ହାସଲ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି। ସବିଶେଷ ବିବରଣୀ ପାଇଁ ବ୍ଲକ ଉନ୍ନୟନ କାର୍ଯ୍ୟାଳୟ କିମ୍ବା ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ, ଭଦ୍ରକଙ୍କ ସହିତ ଯୋଗାଯୋଗ କରିପାରିବେ। (ଶିକ୍ଷାଗତ ଯୋଗ୍ୟତା :- ପଞ୍ଚମ ପାସ୍‌ଠାରୁ ସ୍ନାତକ ଏବଂ ITI/DIPLOMA, ବୟସ ସୀମା: ୧୮ରୁ୩୫ବର୍ଷ) ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି ଯେ ଏଥିରେ ବହୁ ସଂଖ୍ୟାରେ ଯୋଗଦେଇ ନିଯୁକ୍ତିର ସୁଯୋଗ ନିଅନ୍ତୁ।

**ସ୍ୱା./- ଜିଲ୍ଲା ନିଯୋଜନ ଅଧିକାରୀ, ଭଦ୍ରକ** **ସ୍ୱା./- ଜିଲ୍ଲାପାଳ, ଭଦ୍ରକ**



## ସର୍ବସାଧାରଣ ଘୋଷଣା

**(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)**

| ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ - କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିସି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା - ୭୫୩୦୧୦<br>**କାରଖାନା ଅବସ୍ଥିତି:** ବର୍ଚ୍ଚୁଆ, ଟାଙ୍ଗୀ, କଟକ- ୭୫୪୦୨୨, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭. | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | ନାମ: ପଙ୍କଜ ଧାନୁକା<br>ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬<br>ପଞ୍ଜୀକୃତ ଇମେଲ୍ ଠିକଣା: pankajdhanuka@gmail.com<br>ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮<br>ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧<br>**ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>**ଯୋଗାଯୋଗ ଇମେଲ୍ ଠିକଣା:** inmtpclip@deloitte.com |
| ୮. | ଇ-ନିଲାମର ତାରିଖ | ନିଲାମ ଆରମ୍ଭ ତାରିଖ ଓ ସମୟ: ମାର୍ଚ୍ଚ ୨୬, ୨୦୨୦ @ ପୂ. ୧୧.୦୦ ଘ.<br>ନିଲାମ ସମାପ୍ତିର ତାରିଖ ଓ ସମୟ: ମାର୍ଚ୍ଚ ୨୬,୨୦୨୦ @ ଅ. ୦୫.୩୦ ଘ. |
| ୯. | ପ୍ରକ୍ରିୟା ଦସ୍ତାବିଜ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡ଼ର୍‌ମାନେ inmtpclip@deloitte.com କୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦. | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ମାର୍ଚ୍ଚ ୨୦,୨୦୨୦ |
| ୧୧. | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨. | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩. | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡ଼ର୍‌ମାନେ ଖୋଲା ସମୟ ଅବଧି ସମୟରେ ଅନ୍ୟାନ୍ୟ ବିଡ଼ର୍‌ମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ ।<br>କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂର୍ତ୍ତି ଦିଆଯିବ ନାହିଁ । |

ଦ୍ରଷ୍ଟବ୍ୟ: ଏଠାରେ ସମ୍ବଳିତ କୌଣସି ଲେଖା କର୍ପୋରେଟ୍ ଋଣୀକୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।
ବିଡ଼ର୍‌ମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ (''ସଂହିତା'') ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୁକ୍ତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.inmtpcl.inରେ ଅଧିସୂଚିତ ହେବ।

ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ ପାଇଁ
ସ୍ୱା./- ପଙ୍କଜ ଧାନୁକା
ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ. ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା: ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com
ତାରିଖ: ଫେବୃୟାରୀ ୨୫, ୨୦୨୦
କୋଲକାତା



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର ପ୍ରଧାନ,** ପିତା: ଲୋଚନ ପ୍ରଧାନ, ଗ୍ରାମ: ହରିପୁର, ପୋ: ଖୁଣ୍ଟକଟା, ଥାନା: ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାର: ଶ୍ରୀ ସତ୍ୟବାଦୀ ପ୍ରଧାନ,** ପିତା: ଲୋଚନ ପ୍ରଧାନ, ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ: ଶ୍ରୀ ସତ୍ୟବାଦୀ ପ୍ରଧାନ ଏବଂ ଶ୍ରୀ ରବିନ୍ଦ୍ର ପ୍ରଧାନ** | **ଶ୍ରୀ ସତ୍ୟବାଦୀ ପ୍ରଧାନ ଏବଂ ଶ୍ରୀ ରବିନ୍ଦ୍ର ପ୍ରଧାନଙ୍କ ନାମରେ** ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ହରିପୁର, ଥାନା/ତହସିଲ: ବଡ଼ମ୍ବା, ଖାତା ନଂ.: ୨୮୦/୭୭, ପ୍ଲଟ୍ ନଂ.: ୫୩ ଏବଂ ୫୪, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଚନ୍ଦ୍ର ଶେଖର ରାଉତ, ଦକ୍ଷିଣ: ପିତବାସ ପ୍ରଧାନ, ପୂର୍ବ: ପିତବାସ ପ୍ରଧାନ, ପଶ୍ଚିମ: ଗ୍ରାମ୍ୟ ରାସ୍ତା | **୨୬.୧୧.୨୦୧୯** | **୧୯.୦୨.୨୦୨୦** | **୧୫.୧୧.୨୦୧୯** ସୁଦ୍ଧା **ଟ.୬,୨୭,୦୦୦/-** + ସୁଧ ଏବଂ ସେବାବଦ ଖର୍ଚ୍ଚ |
| **ଋଣଗ୍ରହୀତା: ମେସର୍ସ ପଣ୍ଡା ଟାଏ ଡାଏ, ସ୍ୱତ୍ତ୍ୱାଧିକାରୀ: ଭିକାରୀ ଚରଣ ପଣ୍ଡା,** ପିତା: ୰ କୃଷ୍ଣ ଚନ୍ଦ୍ର ପଣ୍ଡା, ସା: ମୁକ୍ତାନଗର, ଅଭିମାନପୁର, ଥାନା: ବଡ଼ମ୍ବା, ଜିଲ୍ଲା: କଟକ | **ଜାମିନ୍‌ଦାର: ୰ କୃଷ୍ଣ ଚନ୍ଦ୍ର ପଣ୍ଡା,** ପିତା: ଗୋପି ପଣ୍ଡା, ସା/ପୋ: ଅଭିମାନପୁର, ଥାନା: ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ: ୰ କୃଷ୍ଣ ଚନ୍ଦ୍ର ପଣ୍ଡା** | **୰ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଭିମାନପୁର, ତହସିଲ/ଥାନା: ବଡ଼ମ୍ବା, ଖାତା ନଂ.: ୫୪୪/୩୧୪, ପ୍ଲଟ୍ ନଂ.: ୩୬୨, କ୍ଷେତ୍ର: ଏକର୦.୩୨୦ଡିସିମିଲି, କିସମ: ଘରବାରି ଏବଂ ଖାତା ନଂ.: ୯୩, ପ୍ଲଟ୍ ନଂ.: ୧୩୯, କ୍ଷେତ୍ର: ଏକର୦.୧୬ଡିସିମିଲି, ପ୍ଲଟ୍ ନଂ.: ୧୪୩, କ୍ଷେତ୍ର: ଏକର୦.୧୩ଡିସିମିଲି, ପ୍ଲଟ୍ ନଂ.: ୫୧୮, କ୍ଷେତ୍ର: ଏକର୦.୧୬ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଏସ୍‌ଏଚ୍-୬୫, ଦକ୍ଷିଣ: ଲକ୍ଷ୍ମଣ କୁମାର ପଣ୍ଡା, ପୂର୍ବ: ରାଜକିଶୋର ପଣ୍ଡା, ପଶ୍ଚିମ: ଗ୍ରାମ୍ୟ ରାସ୍ତା | **୧୫.୧୧.୨୦୧୯** | **୧୯.୦୨.୨୦୨୦** | **୩୧.୧୦.୨୦୧୯** ସୁଦ୍ଧା **ଟ.୮,୩୫,୩୫୦/-** + ସୁଧ ଏବଂ ସେବାବଦ ଖର୍ଚ୍ଚ |

**ତାରିଖ: ୨୪.୦୨.୨୦୨୦**
**ସ୍ଥାନ: କଟକ**
**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

# ଚୋରି କରି ନେଇଗଲେ ଇନ୍ଦିରା ଆବାସ

ବାରିପଦା ଅଫିସ, ୨୪।୨

■ ଟାଇଲଛପର ଘରେ ରହୁଛନ୍ତି କିନ୍ତୁ ସରକାରୀ ତଥ୍ୟ କହୁଛି ପକ୍କା ଘର ମିଳିଛି

■ ବିଡିଓ କହୁଛନ୍ତି ମୋ ସମୟରେ ହୋଇନି

ଦୀର୍ଘ ବର୍ଷ ହେଲା ପକ୍କା ଘରଟିଏ ପାଇଁ ବିଭିନ୍ନ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ଘର ଖଣ୍ଡିଏ ମିଳିଲା ନାହିଁ। ଫଳରେ ଏକ ଟାଇଲଛପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି ଗୋଟିଏ ପରିବାରର ୬ ପ୍ରାଣୀ କୁଟୁମ୍ବ। ତାଙ୍କ ନାମରେ ପକ୍କା ଘର ମଞ୍ଜୁର ହୋଇ ଅର୍ଥ ଉଠାଇ ନିଆଯାଇଛି। ବ୍ଲକରୁ କର୍ମଚାରୀମାନେ ଘର ଦେଖି ଫଟୋ ଉଠାଇବା ପାଇଁ ଯାଇଥିବା ବେଳେ ଘଟଣା ପଦାକୁ ଆସିଥିଲା। ଘର ନିର୍ମାଣ ପାଇଁ ଏହି ପରିବାର କାର୍ଯ୍ୟାଦେଶ କିମ୍ବା ଅର୍ଥ ପାଇ ନ ଥିବା ବେଳେ ତାଙ୍କ ନାମରେ କେହି ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି। ବ୍ଲକର କେତେକ ଅସାଧୁ କର୍ମଚାରୀ ତାଙ୍କ ଘର ଚୋରି କରି ନେଇଥିବା କ୍ଷୋଭର ସହ କହିଛନ୍ତି ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ବିଜୟ କୃଷ୍ଣଚନ୍ଦ୍ରପୁର ଗ୍ରାମର ଅଞ୍ଜନା ନାୟକ।

ଆଦିବାସୀଙ୍କ ଉନ୍ନତି ନିମନ୍ତେ ନିଯୁକ୍ତି ପାଇଥିବା ଅଧିକାରୀମାନେ ଶେଷରେ ପକ୍କା ଘର ଲାଗି ହିତାଧିକାରୀଙ୍କ ଟଙ୍କା ଚଳୁ କରିଦେବା ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। ପ୍ରାୟ ୮ ମାସ ତଳେ ବ୍ଲକରୁ ଜଣେ କର୍ମଚାରୀ ଯାଇ ଅଞ୍ଜନାଙ୍କୁ ତାଙ୍କର ପକ୍କାର ଘର ହୋଇ ଯାଇଥିବା ବେଳେ କେଉଁଠି ଘର ହୋଇଛି ଦେଖାଇବାକୁ କହିଥିଲେ। ହେଲେ ତାଙ୍କର ପକ୍କା ଘର ହୋଇ ନ ଥିବା ଅଞ୍ଜନା କହିଥିଲେ। ସେହିଭଳି ତାଙ୍କୁ ପକ୍କା ଘର ନିର୍ମାଣ ଲାଗି ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳି ନ ଥିବା କହିଥିଲେ। ପରେ ଏ ନେଇ ଖୋଳତାଡ଼ କରିବାରୁ ୨୦୧୫ରେ ଅଞ୍ଜନାଙ୍କ ନାମରେ ଇନ୍ଦିରା ଆବସ ଆସିଥିବା ବେଳେ ତାଙ୍କୁ ୭୫ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସରକାରୀ ତଥ୍ୟ ମଧ୍ୟ ରହିଛି। ତେବେ ସେ କିଛି ସହାୟତା ରାଶି ପାଇ ନ ଥିବା ବେଳେ କିପରି ତାଙ୍କ ନାମରେ ଘର ସମ୍ପୂର୍ଣ୍ଣ ହୋଇଛି ବୋଲି ଏ ନେଇ ସେ ବିଡିଓଙ୍କୁ ପଚାରିଥିଲେ ହେଲେ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ପରେ ଭାଜପା ନେତା ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଜଣାଇବାରୁ ଗତ ଅକ୍ଟୋବର ୧୫ ତାରିଖରେ ସେମାନେ ଶୁଳିଆପଦା ବିଡିଓଙ୍କୁ ଦେଖା କରିବା ପରେ ତାଙ୍କୁ ଘର ପ୍ରଦାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମିଳିବାର ୪ ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ଅଞ୍ଜନାଙ୍କୁ କୌଣସି ସହାୟତା ମିଳି ନାହିଁ। ଏହି ଘଟଣାକୁ ଭାଜପା କର୍ମକର୍ତ୍ତାମାନେ ନିନ୍ଦା କରିବା ସହିତ ସୋମବାର ଏ ନେଇ ବିଡିଓଙ୍କୁ ଦେଖା କରିଥିଲେ। ଯେଉଁ କର୍ମଚାରୀ କିମ୍ବା ଅଧିକାରୀ ତାଙ୍କ ଘର ଟଙ୍କା ଚଳୁ କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଦାବି କରିଥିଲା। ଏ ନେଇ ଶୁଳିଆପଦା ବିଡିଓ ପରୀକ୍ଷିତ ଜେନାଙ୍କୁ ପଚାରିବାରୁ ସେ କୁହନ୍ତି ଯେ, ଏହା ମୋ ସମୟରେ ହୋଇନାହିଁ ଏବଂ ଏ ଦିଗରେ ସେ କିଛି କହିପାରିବେ ନାହିଁ ବୋଲି ସଫେଇ ଦେଇଥିଲେ। ଅନ୍ୟପକ୍ଷେ ଚର୍ଚ୍ଚା ହେଉଛି ଯେ ସେତେବେଳେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ପକ୍କା ଘର ପାଇଁ ବିଭିନ୍ନ ହିତାଧିକାରୀଙ୍କ ନାମରେ ଆସିଥିବା ଟଙ୍କାକୁ ଚଳୁ କରି ଦେଇଛନ୍ତି। ଏପରିକି ସେହି ସମୟର ଫାଇଲ୍‌କୁ ମଧ୍ୟ ଗାଏବ କରି ଦେଇଛନ୍ତି। ତାଙ୍କ ନାମରେ ଆସିଥିବା ପକ୍କା ଘର ଟଙ୍କା ଚଳୁ କରିଥିବା କର୍ମଚାରୀ କିମ୍ବା ଅଧିକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ହେବ ତାକୁ ଅନାଇ ବସିଛନ୍ତି ଅଞ୍ଜନା। ସେହିଭଳି ତାଙ୍କୁ ପକ୍କା ଘର ପ୍ରଦାନ କରାଯିବା ନିମନ୍ତେ ସେ ଦାବି ମଧ୍ୟ କରିଛନ୍ତି।


ସ୍ୱାମୀଙ୍କ ସହ ଟାଇଲଛପର ଘରେ ବସିଛନ୍ତି ଅଞ୍ଜନା ନାୟକ ।

# ସମ୍ବର ମାଂସ, ବନ୍ଧୁକ ଜବତ: ଶିକାରୀ ଗିରଫ


ଜବତ ସମ୍ବର ମାଂସ ଓ ବନ୍ଧୁକ ସହ ଗିରଫ ଶିକାରୀ।

ଉଦଳା,୨୪।୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଉଦଳା ବନବିଭାଗ ରବିବାର ଭୋର ସମୟରେ ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଆଠପଡା ଅଞ୍ଚଳରେ ଚଢାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଶିକାରୀ ଜଣକ ହେଲେ ଆଠପଡା ଗ୍ରାମର ମୋହନ ହାଁସଦା। ତାଙ୍କ ନିକଟରୁ ୫୦ କେ.ଜି ସମ୍ବର ମାଂସ, ଗୋଟିଏ ଦେଶୀ ବନ୍ଧୁକ, ଧନୁ ଏବଂ ତୀର ଜବତ ହୋଇଛି । ଅଭିଯୁକ୍ତ ମୋହନଙ୍କ ନାମରେ ଏକ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି । ଚଢାଉ ସମୟରେ ଅନ୍ୟ ୭ ଶିକାରୀ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଶିମିଳିପାଳ ଅଭୟାରଣ୍ୟରେ ଅବାଧ ବନ୍ୟଜନ୍ତୁ ଶିକାର ଚାଲିଥିବା ଅଭିଯୋଗ ହେଉଛି। ବନବିଭାଗ କାଁ ଭାଁ କେତେବେଳେ କେମିତି ଚଢାଉ କରି ଜଣେ ଦୁଇ ଜଣ ଶିକାରୀଙ୍କୁ ଧରୁଥିବା ବେଳେ ଅନ୍ୟ ଶିକାରୀମାନଙ୍କ ଟେର୍ ପାଇପାରୁ ନାହିଁ । ଏହାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### କପି କରି ଧରାପଡ଼ିଲେ ୩ ପରୀକ୍ଷାର୍ଥୀ

ବାରିପଦା ଅଫିସ, ୨୪।୨- ସୋମବାର ମାଟ୍ରିକ ପରୀକ୍ଷାରେ ତୃତୀୟ ଭାଷା ସଂସ୍କୃତ ଓ ହିନ୍ଦୀ ବିଷୟରେ ଜିଲାର ୨ଟି ପରୀକ୍ଷା କେନ୍ଦ୍ରରେ ୩ ଜଣ ଛାତ୍ରୀଛାତ୍ର କପି କରୁଥିବା ବେଳେ ଧରା ପଡ଼ିଛନ୍ତି। ସରକାରୀ ଏସ୍ଏସ୍‌ଡି ହାଇସ୍କୁଲ ଶରତ ପରୀକ୍ଷା କେନ୍ଦ୍ରରେ ୨ ଜଣ ଓ ସରକାରୀ ଏସ୍ଏସ୍‌ଡି ହାଇସ୍କୁଲ ଠାକୁରମୁଣ୍ଡା ପରୀକ୍ଷା କେନ୍ଦ୍ରରେ ଜଣେ ଛାତ୍ର ପରୀକ୍ଷା ଦେଉଥିବା ବେଳେ କପି କରି ଧରା ପଡ଼ିଛନ୍ତି। ଧରା ପଡ଼ିଥିବା ସମସ୍ତ ଛାତ୍ରୀଛାତ୍ର ରେଗୁଲାର ଅଟନ୍ତି। ତୃତୀୟ ଭାଷା ପରୀକ୍ଷା ଦେବା ପାଇଁ ୩୭୬୮୩ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୮୦ଟି କେନ୍ଦ୍ରରେ ୩୫୦୮୫ ଜଣ ପରୀକ୍ଷା ଦେଇଥିଲେ। ୧୭୧୮ ଜଣ ଅନୁପସ୍ଥିତ ଥିବା ଜିଲା ଶିକ୍ଷା କାର୍ଯ୍ୟାଳୟରୁ ସୂଚନା ମିଳିଛି।

### ନାବାଳିକା ଅପହରଣକାରୀଙ୍କ ଟେର୍ ପାଉନି ପୋଲିସ

ବୈଶିଙ୍ଗା,୨୪।୨(ଡି.ଏନ୍.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ବେଳେ ପୋଲିସ ଅପହରଣକାରୀଙ୍କ ଟେର୍ ପାଇ ପାରି ନାହିଁ। ନବମ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳିକାଙ୍କୁ ସେହି ଗ୍ରାମର ଯୁବକ ଶଙ୍କର ସିଂ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ହାଇଦ୍ରାବାଦଠାରେ ଏକ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ତେବେ ଗତ ସରସ୍ୱତୀ ପୂଜା ସମୟରେ ସେ ଗ୍ରାମକୁ ଫେରି ଆସିଥିଲେ। ସେବେଠାରୁ ନାବାଳିକା ସହିତ ସମ୍ପର୍କରେ ଥିବା ଜଣା ପଡିଛି। ଗତ ମାସ ୨୧ ତାରିଖ ରାତିରେ ସମ୍ପୃକ୍ତ ଯୁବକ ଅନ୍ୟ ୨ ସହଯୋଗୀଙ୍କ ସହାୟତାରେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଜଣେ ଲୋକପ୍ରତିନିଧି ମଧ୍ୟ ଜଡିତ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୭/୨୦) ରୁଜୁ ହୋଇଛି। ସବ୍ ଇନ୍ସପେକ୍ଟର ଅନନ୍ତ ନାରାୟଣ ନାୟକ ଘଟଣାର ତଦନ୍ତ କରୁଛନ୍ତି।

### ନୂଆ ତହସିଲଦାର, ଥାନା ଅଧିକାରୀଙ୍କ ଯୋଗଦାନ

ଚିତ୍ରଡା,୨୪।୨(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲର ନୂଆ ତହସିଲଦାର ଭାବେ ପ୍ରିୟଦର୍ଶିନୀ ମଲ୍ଲିକ ଏବଂ ଥାନା ଅଧିକାରୀ ଭାବେ କୁନି ବେଶ୍ରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ତହସିଲଦାର ମଲ୍ଲିକ ପୂର୍ବରୁ ଖୁଣ୍ଟା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନୂତନ ତହସିଲଦାରଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଥାନା କର୍ମଚାରୀମାନେ ନୂଆ ଆଇଆଇସିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### ଉପେନ୍ଦ୍ରଭଞ୍ଜ ସାହିତ୍ୟ ସଂସଦର ବସନ୍ତ ସମାରୋହ

ବାରିପଦା ଅଫିସ, ୨୪।୨- ଉପେନ୍ଦ୍ରଭଞ୍ଜ ସାହିତ୍ୟ ସଂସଦର ବସନ୍ତ ସମାରୋହ ମଧୁବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବୃନ୍ଦାବନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ସାହିତ୍ୟିକ ବଂଶୀଧର ଶେଜପଡ଼ା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ପ୍ରଫେସର ହରିହର ଦାସ,ଇଂ. ପ୍ରଭାକର ନନ୍ଦ, ପାଲାଗାୟକ ପ୍ରଳୟ କୁମାର ମହାକୁଡ଼, ଅଧାପକ ଅବନୀ କୁମାର ଗିରି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ହରିହର ଦାସ ବିବରଣୀ ପଠନ କରିଥିଲେ। ସନ୍ତୋଷ ମହାନ୍ତି, ଜିତେନ୍ଦ୍ର ନାଥ ଗିରି, ଉମା ଦାଶ, ପଦ୍ମାଳୟା ଜେନା, ସୁଧିରା ଦାଶ, ଚାରୁବାଳା ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମଦ ବେପାରୀ ଗିରଫ

ରାଇରଙ୍ଗପୁର,୨୪।୨(ଡି.ଏନ୍.ଏ.): ରାଇରଙ୍ଗପୁର ଅବକାରୀ ବିଭାଗ ସୋମବାର ଚଢ଼ାଉ କରି ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଟାଉନ ଥାନା ପୁରୁଣାଘାଟୀ ବସ୍ତି ଅଞ୍ଚଳର ସୁମିତ୍ରା ବେହେରା। ତାଙ୍କଠାରୁ ୫ ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଅବକାରୀ ବିଭାଗ ଏକ ମାମଲା (ନଂ.୧୧୯/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପାର ଧାରଣା

ବାରିପଦା ଅଫିସ, ୨୪।୨

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକରେ ହୋଇଥିବା ବିଭିନ୍ନ ଦୁର୍ନୀତି ପ୍ରତିବାଦରେ ସୋମବାର ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଭାଜପା ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ,ଏହି ବ୍ଲକ ଅଧୀନ ଅଁଳାକୁଡ଼ା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ହିତାଧିକାରୀମାନଙ୍କୁ ଘର ମିଳିଥିବା ବେଳେ ଠିକାଦାର ଅଧପନ୍ତରିଆ ଘରକରି ଟଙ୍କା ଉଠାଇ ନେଇଛନ୍ତି। ସେହିଭଳି ଯେଉଁମାନେ ଅନ୍ୟ ଠିକାଦାରଙ୍କ ଦ୍ୱାରା ଘର ତିଆରି କରିଛନ୍ତି ଆକ୍ରୋଶ ରଖି ସେମାନଙ୍କୁ ୫ ମାସ ହେଲା ରାଶନ ସାମଗ୍ରୀ ପ୍ରଦାନ କରାଯାଉ ନାହିଁ। ପ୍ରାୟ ୨୫ ଜଣ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ମିଳୁ ନ ଥିବା ଅଭିଯୋଗ ହୋଇଛି। ଜଣଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସରେ ଘର ମିଳିଥିବା ବେଳେ ଉକ୍ତ ଟଙ୍କା ଅନ୍ୟ ଜଣଙ୍କ ଆକାଉଣ୍ଟକୁ ପଠାଯାଉଛି। ଠିକାଦାର ରାସ୍ତା କାର୍ଯ୍ୟ କରିବାର ୫ ଦିନ ପରେ ରାସ୍ତାରୁ ପିଚୁ ଉଠି ଯାଉଛି। ଏ ନେଇ ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି। ଝାଲିଆମରା ପଞ୍ଚାୟତ ଅନ୍ତର୍ଗତ ଆଦିଆମରା ଗ୍ରାମରେ ନେତ୍ରାନନ୍ଦ ସିଂଙ୍କ ପରିବାର ଏକ ଜରିପାଲ ତଳେ ରହୁଥିବା ବେଳେ ସରକାରଙ୍କ ପକ୍ଷରୁ ତାଙ୍କୁ କୌଣସି ସହାୟତା ପ୍ରଦାନ କରାଯାଉ ନାହିଁ। ଅନ୍ୟପଟେ ସେମାନଙ୍କ ନାତୁଣୀ ନାତି ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ରେ ମିଳିଥିବା ପାଇଖାନା ଘରେ ପାଠ ପଢୁଥିବା ବେଳେ ସେଠାରେ ବର୍ଷା ହେଲେ ରହୁଛନ୍ତି। ଏହିଭଳି ଦୟନୀୟ ଅବସ୍ଥାରେ ଉକ୍ତ ପରିବାର ରହୁଥିଲେ ମଧ୍ୟ ପ୍ରଶାସନର ନଜର କିପରି ପଡୁ ନାହିଁ ସେ ନେଇ ଭାଜପା ଦୃଢ଼ ନିନ୍ଦା କରିଛି। ବ୍ଲକର ବିଭିନ୍ନ ଗ୍ରାମରେ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ କି ଘର କାର୍ଯ୍ୟାଦେଶ ଦିଆଯାଉ ନାହିଁ। ଅଯୋଗ୍ୟ ବ୍ୟକ୍ତି ପିଇଓଙ୍କ ସହ ସଲାସୁତରା କରି ପକ୍କା ଘର ହାତେଇ ନେଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ନେତା ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକାଧିକ ଭାଜପା କର୍ମକର୍ତ୍ତା ବିଡ଼ିଓ ପରୀକ୍ଷିତ ଜେନାଙ୍କୁ ଭେଟି ଆଲୋଚନା କରିଥିଲେ। ଏହାର କୌଣସି ସମାଧାନ ନ ବାହାରିବାରୁ ବ୍ଲକ କାର୍ଯ୍ୟାଳୟ ଅଗାରେ ଧାରଣା ଦେଇଥିଲେ। ପ୍ରାୟ ୧ ଘଣ୍ଟା ଧରି ଧାରଣା ଚାଲିବା ପରେ ଏହି ବ୍ଲକ ଅଧୀନ ଅଁଳାକୁଡ଼ା ପଞ୍ଚାୟତର ପିଇଓ ଶୁବନ କୁମାର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଜିଲାପାଳଙ୍କ ନିକଟକୁ ଚିଠି କରିଥିବା ବିଡିଓ ଦେଖାଇଥିଲେ। ସେହିଭଳି ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଭାଜପାର କର୍ମକର୍ତ୍ତାମାନେ ଧାରଣାରୁ ହଟିଥିଲେ।


ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

# ୫ରୁ ଫଗୁ ଦଶମୀ ସୁବର୍ଣ୍ଣ ଜୟନ୍ତୀ

ଉଦଳା,୨୪।୨ (ଡି.ଏନ୍.ଏ.)

କପ୍ତିପଦା ଉପଖଣ୍ଡର ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମରେ ଚଳିତ ବର୍ଷ ୫୦ ତମ ଫଗୁ ଦଶମୀ ସୁବର୍ଣ୍ଣ ଜୟନ୍ତୀ ଦୋଳ ଯାତ ଉତ୍ସବ ପାଳନ ହେବ। ଆସନ୍ତା ମାର୍ଚ୍ଚ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ । ଏନେଇ ରବିବାର ଉଦଳା ଉପଜିଲାପାଳଙ୍କ ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ କମିଟି ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟି, ରାଢୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସେନ ମାରାଣ୍ଡି, ସାମାଜିକ କର୍ମୀ ସର୍ବେଶ୍ୱର ହାତୀ, ଜଗନ୍ନାଥ ମନ୍ଦିର ପୂଜକ ବିଶ୍ୱନାଥ ପଣ୍ଡା ଯୋଗଦେଇ ଦୋଳଯାତର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ପୂର୍ଣ୍ଣ ଗ୍ରାମକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଗ୍ରାମ ଦାଣ୍ଡରେ ଗ୍ରାମର ମହିଳାମାନଙ୍କୁ ନେଇ ଝୋଟି ପ୍ରତିଯୋଗିତା, ଇଷ୍ଟଦେବ ଗୋପୀନାଥ ଦେବଙ୍କୁ ନାମ ସଂକୀର୍ତ୍ତନ ଶୋଭାଯାତ୍ରାରେ ଦୋଳମଣ୍ଡପକୁ ବିଜେ, ରାଧାମାଧବଙ୍କ ମେଳନ ଉତ୍ସବ ସହିତ ବସନ୍ତରାସ ନାମ ସଂକୀର୍ତ୍ତନ ଗାନ, ପ୍ରତିଭା ସମ୍ମାନ ପ୍ରଦାନ, ୫୦ ବର୍ଷର ସ୍ମୃତିଚାରଣ ସହିତ ବନ୍ଧୁମିଳନ ଏବଂ ଦୈନନ୍ଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହିତ ସନ୍ଧ୍ୟା ଆରତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏତଦ୍‌ବ୍ୟତୀତ ଦୋଳ ପଡ଼ିଆର ଚତୁଃପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା ସହିତ ତିନିଦିନ ବ୍ୟାପୀ ଉତ୍ସବ ସମୟସୀମା ମଧ୍ୟରେ ଗ୍ରାମରେ ଆମିଷ ନିଷେଧ ରହିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜୟନ୍ତ ବେହେରା, ନାରାୟଣ ପୃଷ୍ଟି, ବାବୁଲା ସାହୁ, ମଧୁସୂଦନ ହାତୀ ପ୍ରମୁଖଙ୍କ ସମେତ ଗ୍ରାମ ଦୋଳଯାତ କମିଟିର ବହୁ ସଦସ୍ୟ ଯୋଗ ଦେଇଥିଲେ ।

# ଆରମ୍ଭ ହେଲା ଏସ୍‌ଡିସି କପ୍ ଫୁଟବଲ ଲିଗ୍

ବାରିପଦା ଅଫିସ, ୨୪।୨

ରାଜ୍ୟସ୍ତରୀୟ ଏସ୍‌ଡିସି କପ୍ -୨୦୨୦ ଆଦିବାସୀ ଫୁଟବଲ ଚାମ୍ପିୟନଶିପ୍ ଲିଗ୍ ମ୍ୟାଚ୍ ବାରିପଦାଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚୀତ ଜନଜାତି ଓ ଅନୁସଚୀତ ଜାତି ଉନ୍ନୟନ ବିଭାଗ ପ୍ରାୟୋଜିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ମୟୂରଭଞ୍ଜ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମଠାରେ ଆୟୋଜିତ ଏହି ମ୍ୟାଚ୍‌କୁ ଜିଲାପାଳ ବିନୀତ ଭରଦ୍ୱାଜ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବ ସିଂ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରଣା, ଏସ୍‌ଡିସି କପ୍ ରାଜ୍ୟ ଅଗ୍ରାନାଇଜିଂ କମିଟିର ସଦସ୍ୟ ତଥା ନୋଡାଲ୍ ଅଧିକାରୀ ଡ. ପ୍ରିୟବ୍ରତ ମାଝୀ, ଉପସଭାପତି ପ୍ରଦୀପ କୁମାର ମହାନ୍ତ, ଜିଲା ଏସ୍‌ଡିସିର ପୂର୍ବତନ ଅଧକ୍ଷ ଡ. ଦେବାଶିଷ ମାର୍ଣ୍ଡି, ମୟୂରଭଞ୍ଜ କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଯୋଜନା କାର୍ଯ୍ୟକ୍ରମରେ ଆଦିବାସୀ ଅଞ୍ଚଳରେ କ୍ରୀଡ଼ା ଓ ସଂସ୍କୃତି ବିକାଶ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ର ସୁନ୍ଦରଗଡ ବନାମ୍ ନବରଙ୍ଗପୁର (ମହିଳା ବର୍ଗ) ଓ ବାରିପଦା ବନାମ୍ ରାୟଗଡା (ପୁରୁଷ) ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଗଜପତି ବନାମ ନବରଙ୍ଗପୁର (ପୁରୁଷ ବର୍ଗ) ବାରିପଦା ମୟୂରଭଞ୍ଜ ବନାମ ରାୟଗଡା (ମହିଳା ବର୍ଗ)ରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ବର୍ଗର ସୁନ୍ଦରଗଡ ୧୪-୦ ଗୋଲରେ ଅଗ୍ରଣୀ ହୋଇଥିବାବେଳେ ପୁରୁଷ ବର୍ଗରେ ବାରିପଦା ୧୦-୦ରେ ଅଗ୍ରଣୀ ହୋଇଥିଲା। । ସେହିପରି ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ମ୍ୟାଚ୍‌ରେ ପୁରୁଷ ବର୍ଗର ନବରଙ୍ଗପୁର ୯-୦ ଗୋଲରେ ଅଗ୍ରଣୀ ହୋଇଥିବାବେଳେ ଚତୁର୍ଥ ମ୍ୟାଚ୍ (ମହିଳା ବର୍ଗ) ବାରିପଦା ୧୫-୦ ଗୋଲରେ ଅଗ୍ରଣୀ ରହିଥିଲା।

# ଖବରଦାତା- ପୋଲିସ ସମନ୍ୱୟ ରକ୍ଷା ନେଇ ଆଲୋଚନା

କୁଆମରା,୨୪।୨(ଡି.ଏନ୍.ଏ.)

ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବର ଏକ ବୈଠକ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ କୁଆମରାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ପକ୍ଷରୁ ଆସନ୍ତା ମଙ୍ଗଳବାର କୁଷ୍ଠ ରୋଗ ଉପରେ ଏକ ସଚେତନତା ଶିବିର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଖୁଣ୍ଟା ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ସବ ଇନ୍ସପେକ୍ଟର ସୌମ୍ୟ ରଞ୍ଜନ ଭୋଳ ଓ ପ୍ରେସ କ୍ଲବର ସଭାପତି ଦାଶଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଖବରଦାତା ଓ ପୋଲିସ ମଧ୍ୟରେ କିପରି ସମନ୍ୱୟ ରକ୍ଷା ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଚିତ୍ତରଞ୍ଜନ ଦଳେଇ ସ୍ୱାଗତ ଭାଷଣ ଓ ରଞ୍ଜନ କୁମାର ମଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର କୁମାର ବାବୁଲି, ଶାନ୍ତନୁ ମଣ୍ଡୁଆଳ, ହିରେନ ରାୟ, ମାଣିକ ହେମ୍ବ୍ରମ, ଦୀପକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆରଆଇ କାର୍ଯ୍ୟାଳୟ ବନ୍ଦ ନେଇ ଅସନ୍ତୋଷ

ଚିତ୍ରଡ଼ା,୨୪।୨(ଡି.ଏନ୍.ଏ.)

ମୋରଡ଼ା ତହସିଲ ଅଧୀନ ଚିତ୍ରଡା ଓ ମୋରଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସୋମବାର ଦିନ ତମାମ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଏହି ତହସିଲ ଅନ୍ତର୍ଗତ ହଲଦୀପାଳ ପଞ୍ଚାୟତ ଅସ୍ତିଆ ଗ୍ରାମର ବୃଦ୍ଧା ନେତ୍ରୀ ଦାସ ଖଜଣା ଦେବା ପାଇଁ ଦୀର୍ଘ ୩ କି.ମି. ଚିତ୍ରଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଚାଲି ଚାଲି ଆସିଥିଲେ। ତେବେ କାର୍ଯ୍ୟାଳୟ ବନ୍ଦ ଥିବା ଦେଖି କାର୍ଯ୍ୟାଳୟ ବାରଣ୍ଡାରେ ସେ ଅପେକ୍ଷା କରିଥିଲେ। ବୃଦ୍ଧା ଜଣକ ବର୍ଷାରେ ଓଦା ହୋଇ ଥରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ମୋରଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅପରାହ୍ଣ ଗୋଟାଏ ବେଳେ ଖୋଲା ହୋଇଥିଲା। ମୋରଡା ରାଜସ୍ୱ ନିରୀକ୍ଷକଙ୍କୁ ଏବିଷୟରେ ପଚାରିବାରୁ ସେ ଏବଂ ଅନ୍ୟ ୨ ଜଣ କର୍ମଚାରୀ ରାଜସ୍ୱ ଆଦାୟ ପାଇଁ ଭାଲୁକଚୁଆ ଗ୍ରାମକୁ ଯାଇଥିବାରୁ ଅଫିସ ବନ୍ଦ ରହିଥିଲା ବୋଲି କହିଥିଲେ। ସେହିପରି ଚିତ୍ରଡ଼ା ରାଜସ୍ୱ ନିରୀକ୍ଷକ ମନୋଜ ବାରିକଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା। ମୋରଡା ତହସିଲଦାର ପ୍ରିୟଦର୍ଶନୀ ମଲ୍ଲିକଙ୍କୁ ପଚାରିବାରୁ ଅଫିସ ବନ୍ଦ ହୋଇନାହିଁ, ଆରଆଇ ଓ ଅନ୍ୟ କର୍ମଚାରୀମାନେ ଗାଁକୁ ରାଜସ୍ୱ ଆଦାୟ ପାଇଁ ଯାଇଥିବା ପ୍ରକାଶ କରିଛନ୍ତି।

# ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୨୪।୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ତୋଟାନେତ୍ରା ଗ୍ରାମ ନିକଟବର୍ତ୍ତୀ ଘଞ୍ଚ ଜଙ୍ଗଲରୁ ସୋମବାର ପୋଲିସ ଜଣେ ବିବାହିତା ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି। ମହିଳା ଜଣକ ହେଲେ ଉକ୍ତ ଗ୍ରାମର ରୀନା ମହାକୁଡ। ଥାନା ଅଧିକାରୀ ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ସଦଳବଳେ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ସକାଶେ ପଠାଇଛି। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ ହୋଇଛି। ମୃତ ମହିଳା ଜଣକ ଗତ ୪ ତାରିଖରୁ ନିଖୋଜ ଥିଲେ।

# ୮୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଉଦଳା,୨୪।୨(ଡି.ଏନ୍.ଏ.)

ଉଦଳାଠାରେ କପ୍ତିପଦା ଉପଖଣ୍ଡ ନିମନ୍ତେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ସମୁଦାୟ ୮୭ ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲାପାଳ ଭଗବାନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଦେବଦତ୍ତ ପଣ୍ଡା, ଉଦଳା ଡାକ୍ତରଖାନାର ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ପୋଲିସ୍ ଅଧିକାରୀ ସବିତା ମାଝୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣୀ ପ୍ରମୁଖଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଜିଲାପାଳଙ୍କୁ ସହଯୋଗ କରିଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ୭୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ରହିଥିବା ବେଳେ ୧୦ଟି ସାମୂହିକ ସମସ୍ୟାଭିତ୍ତିକ ଅଭିଯୋଗ ଥିଲା । ସେଥିମଧ୍ୟରୁ ତତ୍କାଳ ୧୪ଟି ସମସ୍ୟାର ସମାଧାନ କରାଯାଇଥିଲା । ଚିକିତ୍ସାଜନିତ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୪ ଜଣଙ୍କୁ ୧୩ ହଜାର ଏବଂ ରେଡକ୍ରସରୁ ଜଣଙ୍କୁ ଏକ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ହୋଇଥିବା ଅଭିଯୋଗଗୁଡିକ ମଧ୍ୟରେ ଗୃହ ନିର୍ମାଣ ସହାୟତା ପ୍ରଦାନ, ସ୍କୁଲ ପାଖରେ ମଦ ଦୋକାନ, ବିଦ୍ୟୁତ୍ ସଂଯୋଗ ନ ଥାଇ ବିଲ୍ ଆସିବା, ଜମି ପଟ୍ଟା ନ ଥାଇ ଗୃହ ନିର୍ମାଣ ସାହାଯ୍ୟ ମଞ୍ଜୁର ହେବା, ଜଣଙ୍କର ଜମି ଅନ୍ୟ ଦ୍ୱାରା ଜବରଦଖଲ ହେବା, ଭୂମିହୀନଙ୍କୁ ଜମି ପ୍ରଦାନ ଭଳି ବିଭିନ୍ନ ଅଭିଯୋଗ ରହିଥିଲା ।

# ଓଡ଼ିଆ ବୀରଙ୍କ ସ୍ମୃତିଚାରଣ କଲେ ଛାତ୍ରୀଛାତ୍ର


ଛାତ୍ରୀଛାତ୍ର ମହାପୁରୁଷଙ୍କ ବେଶ ଧାରଣ କରିଛନ୍ତି।

ରୂପ୍‌ସା, ୨୪।୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ପ୍ରନିମା ଦାସଙ୍କ ପୌରୋହିତ୍ୟରେ କୁନି ପିଲାଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପକ ଶ୍ରୀଧର ବେହେରା ଯୋଗଦେଇ ମାତୃଭାଷା ହିଁ ଆମ ଜାତିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ମାଟି ମା'ର ଐତିହ୍ୟକୁ ସମୃଦ୍ଧ କରିଛି ବୋଲି ବକ୍ତବ୍ୟରେ କହିଥିଲେ। ଛାତ୍ରୀମାନେ ସ୍ୱାଗତସଙ୍ଗୀତ ଓ ଆବାହନୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମହାପୁରୁଷଙ୍କ ବେଶଧାରଣ କରି ଓଡ଼ିଆ ବୀରଙ୍କ ବୀରତ୍ୱର ସ୍ମୃତିଚାରଣ କରିଥିଲେ। ବିଦ୍ୟାମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆଜିଠୁ ଦକ୍ଷିଣକାଳୀଙ୍କ ବାର୍ଷିକ ଜନ୍ମୋତ୍ସବ

**ଭଦ୍ରକ ଅଫିସ,୨୪।୨:** ଭଦ୍ରକର ଶ୍ରୀଶ୍ରୀ ମା' ଆଦ୍ୟାଶକ୍ତି ଦକ୍ଷିଣକାଳୀଙ୍କ ଦ୍ୱାଦଶ ବାର୍ଷିକ ଜନ୍ମୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହେବା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଉତ୍ସବ ଅନୁଷ୍ଠିତ ହେବ। ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ମଠସାହି ନିକଟସ୍ଥ ମା' ଆଦ୍ୟାଶକ୍ତି ଦକ୍ଷିଣକାଳୀଙ୍କ ଦେବୀଙ୍କ ପୀଠରେ ଶ୍ରୀମଦ୍ ଭାଗବତ, ଗୀତା ପାରାୟଣ, ସପ୍ତଶତୀ ଚଣ୍ଡୀପାଠ, ହନୁମାନ ଚାଳିଶା ପାଠଯଜ୍ଞ କର୍ମ, ନାମସଂକୀର୍ତ୍ତନ ଏବଂ ଭଜନ ସମାରୋହ ଆୟୋଜନ କରାଯାଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମଙ୍ଗଳବାର ସକାଳେ ସୂର୍ଯ୍ୟାଗ୍ନି ଆହରଣ ଓ ଅଧିବାସ କର୍ମ ପରେ ସକାଳ ୯ଟାରେ କଳସ ଶୋଭାଯାତ୍ରା କରାଯିବ। ସନ୍ଧ୍ୟାରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହେବ। ବୁଧବାର ମହାସ୍ନାନ, ଗୀତା ପାରାୟଣ, ଯଜ୍ଞ କର୍ମ ପରେ ହନୁମାନ ଚାଳିଶା ପାଠ ଏବଂ ସନ୍ଧ୍ୟାରେ ଭଜନ ପ୍ରତିଯୋଗିତା ରହିଛି। ଅନ୍ତିମ ଦିବସ ଗୁରୁବାର ଚଣ୍ଡୀପାଠ, ଯଜ୍ଞ ପୂର୍ଣ୍ଣାହୁତି, ସନ୍ଧ୍ୟାରେ ଭଜନ ସମାରୋହ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଉକ୍ତ ଦିନ ଅପରାହ୍ନ ୧ଟାରୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ମନ୍ଦିର ପରିଚାଳକ ସୂଚନା ଦେଇଛନ୍ତି।

### ୪୪ ଅଭିଯୋଗର ଶୁଣାଣି

**ଧାମନଗର,୨୪।୨(ଡି.ଏନ.ଏ.):** ଧାମନଗର ବ୍ଲକ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଅଧକ୍ଷତା କରିଥିଲେ। ଏପିଡି ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ବିଡିଓ ଦୁର୍ଗାଚରଣ ମୁର୍ମୁ, ଏସ୍‌ଡିପିଓ ମନୋରଞ୍ଜନ ସାମଲଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ସମସ୍ୟା ନେଇ ହୋଇଥିବା ୪୪ ଅଭିଯୋଗର ସମାଧାନ କରାଯାଇଥିଲା।

### କାନ୍ତକବିଙ୍କ ଶ୍ରାଦ୍ଧବାର୍ଷିକୀ



**ଭଣ୍ଡାରିପୋଖରୀ,୨୪।୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ପଦିନାରାୟଣପୁରସ୍ଥିତ ପ୍ରାଣକୃଷ୍ଣ ଧଳ ପାଠାଗାର ଓ ପିରିପୁର ବିଜୁ କଳାକାର ସଂଘ ମିଳିତ ଆନୁକୂଲ୍ୟରେ ସୋମବାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପୁରୁଷୋତ୍ତମ ଧଳ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, ଡ. ନିରଞ୍ଜନ ଓଝା, ପ୍ରଦୀପ ବେହୁରିଆ, ଗୌରହରି ସାହୁ, ରମାକାନ୍ତ ସ୍ୱାଇଁ, ଧନେଶ୍ୱର ଜେନା ପ୍ରମୁଖ ଯୋଗଦେଇ କାନ୍ତକବିଙ୍କ କାଳଜୟୀ କାବ୍ୟ ଓ କବିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଙ୍ଗୀତଜ୍ଞ ନାରାୟଣ ପୋଥାଳ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ହିମାଂଶୁ ରାଉତ ଅତିଥି ପରିଚୟ ଓ ବିଭୁପଦାରବିନ୍ଦ ଧଳ ଧନ୍ୟବାଦ ଦେଇଥିଲେ।

# ଅଯୋଗ୍ୟ ହାତେଇଲେ ଘର

**ଧାମନଗର,୨୪।୨(ଡି.ଏନ.ଏ.)**



ପକ୍କାଘର ପାଇବାରୁ ବଞ୍ଚିତ ହୋଇଥିବା କମାରବନ୍ଧ ଗ୍ରାମର ଚୈତନ୍ୟ ମଲ୍ଲିକ।

ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଙ୍ଗଡିହୀ ପଞ୍ଚାୟତରେ ସରକାରୀ ଆବାସ ଯୋଜନାରେ ଅନିୟମିତତା ହୋଇଛି। ବହୁ ଯୋଗ୍ୟ ହିତାଧିକାରୀ ଘର ଖଣ୍ଡେ ଲାଗି ଚାହିଁ ବସିଥିବାବେଳେ ଅଯୋଗ୍ୟମାନେ କୌଶଳ କରି ହାତେଇଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ବ୍ଲକ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଆବଣ୍ଟିତ ଗୃହ ତାଲିକାକୁ ବାଦ୍ ଦେଇ ପୁନର୍ବାର ତାଲିକା କରାଯିବା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଉ ବୋଲି ଦାବି ହୋଇଥିଲା। ଏହାପରେ ମଧ୍ୟ ନିକଟରେ ତାଲିକା ଘୋଷଣା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଗତ ଫନୀ ବାତ୍ୟା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ଏହି ପଞ୍ଚାୟତର ୧୫ଟି ୱାର୍ଡ ଥିବାବେଳେ ମୋଟ ୧୯୧ ଗୃହ ଆସିଥିଲା। ସେଥିମଧ୍ୟରୁ ବୟାଙ୍ଗଡିହି ୱାର୍ଡ ପାଇଁ ୧୧୩, ଶିବପୁରକୁ ୫୪, ଗୋଠିଣା ୧୪, ସଲାମପୁର ୫ ଓ ସୟଜାଫର ଲାଗି ୫ ଗୃହ ବଣ୍ଟା ଯାଇଥିଲା। ଶିବପୁର ୱାର୍ଡର କମାରବନ୍ଧ ଗ୍ରାମର ଚୈତନ୍ୟ ଚରଣ ମଲ୍ଲିକଙ୍କୁ ୮୧ ବର୍ଷ। ଏକ ଝାଟିମାଟି ଘରେ ତାଙ୍କ ବଡ଼ଭାଇ ଏବଂ ତାଙ୍କ ପରିବାରର ମୋଟ ୧୬ ଜଣ କୁଟୁମ୍ବ ରହୁଛନ୍ତି। ତାଙ୍କ ବଡ଼ଭାଉଜ ପ୍ରେମଲତାଙ୍କୁ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ମିଳିଥିବା ବେଳେ ବିଧବା ଭତ୍ତା ମଧ୍ୟ ଦିଆଯାଉଛି। ପ୍ରତିବର୍ଷ ବନ୍ୟାରେ ସେମାନଙ୍କର ଏହି ଘରେ ପାଣି ପଶିଯାଏ। ସେମାନେ ଅନ୍ୟତ୍ର ଆଶ୍ରୟ ନେଇଥାନ୍ତି। ମାତ୍ର ଏହି ପରିବାରକୁ କୌଣସି ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରି ନାହିଁ। ସାଧାରଣ ଆବଣ୍ଟନରେ ନ ହେଲେ ମଧ୍ୟ ଫନୀ ବାତ୍ୟା କୋଟାରେ ଏହି ପରିବାରକୁ ଘର ନ ମିଳିବା ନେଇ ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତ ଘୋଷିତ ତାଲିକାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିଛି। ପୂର୍ବରୁ ପରିବାରର ମୁଖ୍ୟଙ୍କ ନାମରେ ଘର ମିଳିଥିବାବେଳେ ସେହି ପରିବାରର ଅନ୍ୟମାନଙ୍କ ନାଁରେ ଏକାଧିକ ଘର ଦିଆଯାଇଛି। ଗୋଟିଏ ପରିବାରରେ ୪ଟି ଗୃହ ମିଳିବା, କୋଠାଘର ଥିବା, ସରକାରୀ ଚାକିରି ଆଦି ଥିବା ବ୍ୟକ୍ତିଙ୍କୁ କିପରି ହିତାଧିକାରୀ ଭାବେ ଚିହ୍ନଟ କରାଗଲା ସେ ନେଇ ପ୍ରଶ୍ନ ଉଠିଛି। ବହୁ ଯୋଗ୍ୟ ହିତାଧିକାରୀ ଜିଲା ପ୍ରକଳ୍ପ ଅଧିକାରୀ ଏବଂ ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଘୋଷିତ ତାଲିକାକୁ ରଦ୍ଦ କରି ପୁନର୍ବାର ତଦନ୍ତ କରାଯାଇ ଘର ବାଣ୍ଟିବାକୁ ଦାବି କରାଯାଇଛି। ଏ ଦିଗରେ ତୁରନ୍ତ କୌଣସି ପଦକ୍ଷେପ ନିଆ ନ ଗଲେ କୋର୍ଟଙ୍କ ଆଶ୍ରୟ ନେବେ ବୋଲି ଯୋଗ୍ୟ ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଦୁର୍ଗାଚରଣ ମୁର୍ମୁଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗର ତଦନ୍ତ କରାଯାଇ ଅଯୋଗ୍ୟଙ୍କୁ ବାଦ୍ ଦିଆଯିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି।



ଧାବକ ସୌରଭ ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଧାବକ ସୌରଭଙ୍କୁ ସମ୍ବର୍ଦ୍ଧନା

**ବନ୍ତ,୨୪।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ପକ୍ଷରୁ ସୋମବାର ଯୁବ ଧାବକ ସୌରଭ ସେଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ କୃପାସିନ୍ଧୁ ସେଠୀଙ୍କ ପରିଚାଳନାରେ ଆୟୋଜିତ ସମାରୋହରେ ତହସିଲଦାର ଇନ୍ଦିରା ସାହୁ, ବିଡିଓ ରେବେକା ବିଲୁଙ୍ଗ, ଥାନାଧିକାରୀ ମିନା ବିନ୍ଧାଣୀ, ଜିଲାପରିଷଦ ସଭ୍ୟା ରେବତୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସୌରଭଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନିଜର ଦୃଢ଼ ମନୋବଳ ଓ ସେନାରେ ନିଯୁକ୍ତି ପାଇବା ଲକ୍ଷ୍ୟରେ ସୌରଭ ଘଟଗାଁ ଓ ପୁରୀ ଭଳି ସ୍ଥାନକୁ ଦୌଡ଼ି ଅନ୍ତର୍ନିହିତ ପ୍ରତିଭା ପ୍ରତିପାଦନ କରିପାରିଛନ୍ତି। ଏହାଦ୍ୱାରା ସେ ଆଜି ସମଗ୍ର ରାଜ୍ୟରେ ଜଣେ ଦ୍ରୁତ ଧାବକ ଭାବେ ପରିଚିତ ହୋଇପାରିଛନ୍ତି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁଦତ୍ତ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମୃତ ମୁକେଶ ଜଲନଙ୍କ ସ୍ତ୍ରୀ ରେଖା ଓ ତାଙ୍କ ପରିବାର ଲୋକ।

## ସିବିଆଇ ତଦନ୍ତ ଦାବି କଲେ ମୃତକଙ୍କ ସ୍ତ୍ରୀ

**ଭଦ୍ରକ ଅଫିସ, ୨୪।୨**

**ରାଞ୍ଚିରେ ଗୁଳିକରି ହତ୍ୟା ଘଟଣା**

୧୭ ଦିନ ତଳେ ରାସ୍ତାରେ ଯାଉଥିବାବେଳେ ମୁକେଶ ଜଲନ ନାମକ ଜଣେ ବ୍ୟକ୍ତିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଝାଡ଼ଖଣ୍ଡର ରାଞ୍ଚିରେ ଘରଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଘଟଣା ଘଟିଥିଲା। ମାତ୍ର ଏଯାଏ ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରିପାରି ନାହିଁ। ମୃତ ମୁକେଶଙ୍କ ସ୍ତ୍ରୀ ରେଖାଙ୍କ ଘର ଭଦ୍ରକ ପୌରାଞ୍ଚଳରେ ହୋଇଥିବାରୁ ସେ ସୋମବାର ତାଙ୍କ ବାପା ଜଗଦୀଶ ଗୁପ୍ତା ଓ ପରିବାର ଲୋକଙ୍କୁ ନେଇ ଖବରଦାତା ସମ୍ମିଳନୀ କରି ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି।

ସ୍ଥାନୀୟ ବାଲଗୋପାଳ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରେଖା ତାଙ୍କ ସ୍ୱାମୀଙ୍କୁ ଗତ ୬ ତାରିଖ ରାତି ପ୍ରାୟ ୧୦ଟା ପରେ କିଭଳି ଗୁଳିକରି ହତ୍ୟା କରାଗଲା, ସେହି ସମୟର ସିସିଟିଭି ଫୁଟେଜ, ନିକଟସ୍ଥ ଶୁକଦେବନଗର ଥାନାରେ ହୋଇଥିବା ଦଫା ୩୦୨, ୩୪ ଆଇପିସି, ୨୭ ଆର୍ମ୍ସ ଆକ୍ଟରେ ମାମଲା(ନଂ. ୬୭/୨୦) ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ପୋଲିସ ଏହାମଧ୍ୟରେ କାହାରିକୁ ବି ଗିରଫ କରିପାରି ନାହିଁ। ସେ ନିଜ ଜୀବନ ଅସୁରକ୍ଷିତ ମଣି ରାଞ୍ଚିରୁ ଭଦ୍ରକ ଆସିଯାଇଥିବା ଦର୍ଶାଇଥିଲେ। ତାଙ୍କ ସ୍ୱାମୀଙ୍କୁ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ସୂଚନାଥାଉ କି, ମୁକେଶ ଝାଡ଼ଖଣ୍ଡ ରାଞ୍ଚିର ହାରମୁ ରୋଡ ନିକଟ କିଶୋରଗଞ୍ଜରେ ପରିବାର ସହ ରହୁଥିଲେ। ଏକ ଘରୋଇ ଗାଡ଼ି ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ୬ ତାରିଖରେ ଅଫିସ ସାରି ରାତିରେ ବାପାଙ୍କ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ହଠାତ୍ ସେହି ସମୟରେ ଦୁଇଟି ବାଇକ୍‌ରେ ୬ ଜଣ ଦୁର୍ବୃତ୍ତ ଆସି ତାଙ୍କ ଘର ନିକଟରେ ଗୁଳି କରିଥିଲେ। କମ୍ପାନୀର ଋଣ ପରିଶୋଧ ନେଇ ଅନେକ ଲୋକଙ୍କ ସହ ମୁକେଶଙ୍କର ଝଗଡ଼ା କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସିସିଟିଭିରେ ଦୁଇଟି ବାଇକ୍‌ରେ କେତେଜଣ ଦୁର୍ବୃତ୍ତ ଆସି ନିକଟରୁ ଗୁଳି ଚଳାଇଥିବା ଦୃଶ୍ୟ କଏଦ ହୋଇଛି। ଏ ନେଇ ମୁକେଶ ଓ ରେଖାଙ୍କ ପରିବାର ଲୋକ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ହତ୍ୟାକାରୀଙ୍କୁ ଧରିବା ପାଇଁ ଗୁହାରି କରିଥିବା ଜଣାଯାଇଛି।

### ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ପଦ୍ମପୁର, ୨୪।୨(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ପଦ୍ମପୁର ପଞ୍ଚାୟତ ମେଳକସାହିଠାରେ ତ୍ରିଦିବସୀୟ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଧର୍ମଧ୍ୱଜା ଉତ୍ତୋଳନ, ୧୦୮ କଳସ ଶୋଭାଯାତ୍ରା, ଯୁଗ ସଙ୍ଗୀତ ପ୍ରବଚନ, ରବିବାର ଦେବପୂଜନ, ଯଜ୍ଞ ଓ ସଂସ୍କାର, ଦୀପଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ସୋମବାର ଯଜ୍ଞର ପୂର୍ଣ୍ଣାହୁତି, ପ୍ରବଚନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି। ଶାନ୍ତିକୁଞ୍ଜ ହରିଦ୍ୱାରର ଋଷିପୁତ୍ରମାନଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ପୂଜାପାଠ କରିବା ସହ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପଦ୍ମପୁର, ଏଡ଼ତାଳ, ସୁଗୋ, ଲୁଙ୍ଗା, ଜଗନ୍ନାଥପ୍ରସାଦ, ସାହାଡ଼ା ଅଞ୍ଚଳର ଭକ୍ତମାନେ ପ୍ରତ୍ୟହ ପୂଜାପାଠ କରିବା ସହ ନାରାୟଣ ସେବାରେ ସାମିଲ ହୋଇଥିଲେ। ଗ୍ରାମର ଚିନ୍ତାମଣି ବାରିକ, ଲକ୍ଷ୍ମୀନାରାୟଣ ବଳ, ଅକ୍ଷୟ ଦତ୍ତଙ୍କ ସମେତ ସମସ୍ତ ଗ୍ରାମବାସୀ ସହାୟତା କରିଥିଲେ।





ସେବାୟତମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସେବାୟତଙ୍କ ପ୍ରତିବାଦ

**ଆରଡ଼ି, ୨୪।୨ (ଡି.ଏନ.ଏ.):** ଭଦ୍ରକ ଜିଲା ଶୈବପୀଠ ଆରଡ଼ିରେ ମହାଶିବରାତ୍ରି ଦିନ ଜଣେ ସେବାୟତ ବାଳକଙ୍କ କାର୍ଯ୍ୟକଳାପକୁ ନେଇ ଏକ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଖବର ପରିବେଷଣ ସହ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା। ସେବାୟତମାନେ ସୋମବାର ଏହାର ପ୍ରତିବାଦ କରିଥିଲେ। ସମ୍ପୃକ୍ତ ସଂସ୍ଥା ପକ୍ଷରୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରା ନ ଗଲେ ମନ୍ଦିର ସମ୍ମୁଖରେ ଧାରଣା ଦେବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିବେ ବୋଲି ସେବାୟତମାନେ ଚେତାବନୀ ଦେଇଛନ୍ତି।

### ମହିଳାଙ୍କୁ ଗଣବଳାତ୍କାର ଘଟଣା: ପୋଲିସ ହାତ ଖାଲି

**ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ପି**

**ଭଣ୍ଡାରିପୋଖରୀ,୨୪।୨(ଡି.ଏନ.ଏ):** ଭଣ୍ଡାରିପୋଖରୀ ଥାନା ରହଣିଆ ଅଞ୍ଚଳରେ ଜାଗର ରାତିରେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହାମଧ୍ୟରେ ୩ ଦିନ ବିତିଯାଇଥିଲେ ପୋଲିସ ହାତ ଖାଲି। ପୋଲିସ ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚିବାରେ ସକ୍ଷମ ହୋଇପାରି ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ଅପରାହ୍ନରେ ଏସ୍‌ପି ରାଜେଶ ପଣ୍ଡିତ, ଏସ୍‌ଡିପିଓ ମନୋରଞ୍ଜନ ସାମଲ ଓ ଥାନାଧିକାରୀ ସନାତନ ସାହୁ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ମନୋରଞ୍ଜନ ସାମଲଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ସୁରାକ ମିଳିଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ପୀଡ଼ିତା ମହିଳା ପରିବାର ସହ ଦୀର୍ଘଦିନ ହେଲା ରହଣିଆ ଅଞ୍ଚଳରେ ରହିଆସୁଛନ୍ତି। ଜାଗର ପାଇଁ ପରିବାର ଲୋକ ନିଜ ଘର ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଅଞ୍ଚଳକୁ ଯାଇଥିଲେ। ମହିଳା ଜଣଙ୍କ ଏକା ଆକୁଳିକଣାଠାରେ ଥିବା ବରୁଣେଶ୍ୱର ମହାଦେବ ଜାଗର ଯାତ୍ରା ଦେଖି ଫେରୁଥିଲେ।

### ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ଭଦ୍ରକ ଅଫିସ, ୨୪।୨:** ବରପଦା କୁସୁନନଗରସ୍ଥିତ କେକେଆର୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଗତ ୧୦ ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷିକା ବିଶ୍ୱବନ୍ଦିତା ନାୟକ ଓ ପ୍ରଜ୍ଞା ପାଣିଗ୍ରାହୀ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ସମ୍ପର୍କରେ ବିଭିନ୍ନ କୌଶଳ ଶିଖାଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କାଉପୁର ସମିତିସଭ୍ୟା ମମତା ପ୍ରଧାନ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମମାଧ୍ୟମରେ ନାରୀମାନେ କିପରି ସୁରକ୍ଷିତ ରହିପାରିବେ ସେ ସମ୍ପର୍କରେ କହିଥିଲେ। ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ଆତ୍ମସୁରକ୍ଷା ସମ୍ପର୍କିତ ନିଜର ମତ ଉପସ୍ଥାପନ କରିଥିଲେ।





ବୈଠକରେ ଯୋଗ ଦେଇଥିବା ଅତିଥି।

## 'ସମାଜକୁ ଦିଗ୍‌ଦର୍ଶନ ଦେଇଥାନ୍ତି ବରିଷ୍ଠ ନାଗରିକ'

**ତିହିଡ଼ି,୨୪।୨(ଡି.ଏନ.ଏ.)**

ତିହିଡ଼ି ଥାନା ପରିସରରେ ସୋମବାର ଅପରାହ୍ନରେ ଭଦ୍ରକ ଜିଲା ବରିଷ୍ଠ ନାଗରିକ ମହାସଂଘର ବ୍ଲକସ୍ତରୀୟ ଭ୍ରାମ୍ୟମାଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ରମେଶ ଚନ୍ଦ୍ର ସିଂ ଏଥିରେ ପୌରୋହିତ୍ୟ କରିଥିଲେ। ଜିଲା ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ଉପସଭାପତି ସଚିକାନ୍ତ ପଣ୍ଡା, ସହସମ୍ପାଦକ ବିଭୂତି ଭୂଷଣ ସେନାପତି, ବ୍ଲକ ସହସମ୍ପାଦକ ହରେକୃଷ୍ଣ ମହାକୁଡ଼, ଇନ୍ସପେକ୍ଟର ତପନ କୁମାର ପ୍ରଧାନ ଓ ଏସ୍‌ଆଇ ବନମାଳି ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜକୁ ଦିଗ୍‌ଦର୍ଶନ ଦେଇ ହିଂସାମୁକ୍ତ ସମାଜ ଗଠନରେ ବରିଷ୍ଠ ନାଗରିକମାନେ ସହାୟକ ହୋଇଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ସେନାପତି, ସନାତନ ସାହୁ, ଯାମିନୀ ମୋହନ ପାଢ଼ୀ, ସୁରେନ୍ଦ୍ର ନାୟକ, ସୋମନାଥ ପାଢ଼ୀ, ଜଗବନ୍ଧୁ ମହାନ୍ତି, ସନ୍ନ୍ୟାସୀ ବ୍ରହ୍ମ, ପୀତବାସ ମହାରାଜ, ମହେଶ ପ୍ରସାଦ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ତିହିଡ଼ି ବ୍ଲକ ସଂଘର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା।

# ନ୍ୟାୟ ଦାବିରେ ଅନଶନ

**ଭଦ୍ରକ ଅଫିସ,୨୪।୨**

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସର ପକ୍ଷପାତିତା ନୀତି ଅଭିଯୋଗ ଓ ଦୋଷୀଙ୍କୁ ଗିରଫ ଦାବିରେ ସୋମବାର ମୃତା ମହିଳାଙ୍କ ପରିବାର ଏବଂ ସମ୍ପର୍କୀୟ ଲୋକେ ଏସ୍‌ପି ଅଫିସ ସମ୍ମୁଖରେ ଅନଶନରେ ବସିଥିଲେ। ସୂଚନା ଅନୁସାରେ, ତିହିଡ଼ି ଥାନା ଗୁଜିଦରଡ଼ା ବାରିକପୁରର ଅପର୍ଣ୍ଣା ସାହୁ ଗତ ନଭେମ୍ବର ୫ରେ ତାଙ୍କ ଝିଅ ଭାରତୀଙ୍କୁ ଶାଶୁଘର ଲୋକ ନିଆଁରେ ପୋଡ଼ି ମାରିଦେଇଥିବା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ବିବାହର ମାତ୍ର ୫ ମାସ ମଧ୍ୟରେ ଶାଶୁଘର ଲୋକ ଅଧିକ ଯୌତୁକ ଦାବି କରି ଭାରତୀଙ୍କୁ ନିର୍ଯାତନା ଦେଉଥିଲେ। ଦାବି ମୁତାବକ ଯୌତୁକ ନ ମିଳିବାରୁ ସେମାନେ ଭାରତୀଙ୍କୁ ପୋଡ଼ି ମାରିଦେଇ କେଉଁଆଡ଼େ ଫେରାର ହୋଇଯାଇଥିବା ଏତଲାରେ ଦର୍ଶାଇଥିଲେ। ପୋଲିସ ଏ ନେଇ ମାମଲା(ନଂ.୫୧୬/୧୯) ରୁଜୁ କରି ୬ ଜଣଙ୍କୁ ପକ୍ଷଭୁକ୍ତ କରିଥିଲା। ମୃତାଙ୍କ ସ୍ୱାମୀ ଅଭିଯୁକ୍ତ ସୌଭାଗ୍ୟ ରଞ୍ଜନ ସାହୁଙ୍କୁ ପୋଲିସ ୮ ଦିନ ପରେ ଗିରଫ କରିଥିଲା। ତାହା ପୁଣି ବାରମ୍ବାର ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବା ପରେ। ତେବେ ଅନ୍ୟ ୪ ଜଣଙ୍କୁ ଗିରଫ ନ କରି ସେମାନଙ୍କୁ କୋର୍ଟରୁ ବେଲ୍ ଆଣିବାକୁ ସାହାଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଜଣେ ଅଭିଯୁକ୍ତ କେସ୍ ଉଠାଇବା ପାଇଁ ଧମକ ଦେଉଛନ୍ତି। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ମୃତା ଭାରତୀଙ୍କ ପରିବାର ପକ୍ଷରୁ କୁହାଯାଇଛି। ନ୍ୟାୟ ଦାବିରେ ସେମାନେ ଅନଶନ କରିଥିବା ପ୍ରକାଶ କରିଥିଲେ। ପୋଲିସ ପହଞ୍ଚି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଅନଶନରୁ ଉଠିଥିଲେ।





ଏସ୍‌ପି ଅଫିସ ସମ୍ମୁଖରେ ଅନଶନ କରିଛନ୍ତି ମୃତା ମହିଳାଙ୍କ ପରିବାର ଓ ସମ୍ପର୍କୀୟ।

# ଏନ୍‌ଏସି କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

**ଧାମନଗର,୨୪।୨(ଡି.ଏନ.ଏ.)**

**କାର୍ଯ୍ୟାଳୟରେ ପଶି ଯୁବକଙ୍କ ଉନ୍ମତ୍ତକାଣ୍ଡ ଘଟଣା**

- ପୋଲିସ ପ୍ରତିଶ୍ରୁତି ପରେ ସ୍ଥଗିତ



ଆନ୍ଦୋଳନରେ ସାମିଲ ହୋଇଥିବା ଏନ୍‌ଏସି କର୍ମଚାରୀ।

ଭଦ୍ରକ ଜିଲା ଧାମନଗର ଏନ୍‌ଏସି କାର୍ଯ୍ୟାଳୟରେ ପଶି ଜଣେ ଅସାମାଜିକ ଯୁବକଙ୍କ ଉନ୍ମତ୍ତ କାଣ୍ଡ ବିରୋଧରେ ଧାମନଗର ଥାନାରେ ଅଭିଯୋଗ ହୋଇଥିଲା। ୩ ଦିନ ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରି ନ ଥିବା ଅଭିଯୋଗ କରି ଏନ୍‌ଏସି କର୍ମଚାରୀମାନେ ସୋମବାର କଲମଛାଡ଼ ଆନ୍ଦୋଳନ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଗତ ୨୧ ତାରିଖରେ ତାଳପଦା ଗ୍ରାମର ଜଣେ ଯୁବକ କାର୍ଯ୍ୟାଳୟରେ ପଶି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାବେଳେ ଜଣେ ମହିଳା କର୍ମଚାରୀ ସମ୍ପୃକ୍ତ ଯୁବକଙ୍କୁ ବିରୋଧ କରିବାରୁ ସେ ତାଙ୍କୁ ମଧ୍ୟ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ମହିଳା କର୍ମଚାରୀ ଏ ନେଇ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଏହାମଧ୍ୟରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ନ ଥିବାରୁ ସେମାନେ ଅସୁରକ୍ଷିତ ମଣି ଏଭଳି ପଦକ୍ଷେପ ନେଇଛନ୍ତି। ସୁଷମା ରାଉତ, ଜନ୍ମେଜୟ ପଣ୍ଡା, ରାଜେନ୍ଦ୍ର ସାହୁ, ରଶ୍ମିରଞ୍ଜନ ସାହୁ, ସୁଶାନ୍ତ ବଳ, ଶରତ ଦାସ, ନାରାୟଣ ମୁଦୁଲି, ବଟକୃଷ୍ଣ ଜେନା, ରାଜେନ୍ଦ୍ର ଗୋଛାୟତ, ସୁଧୀର ଦାସ ପ୍ରମୁଖ କାର୍ଯ୍ୟରେ ଯୋଗ ନ ଦେଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ଥାନା ଆଇଆଇସି ପହଞ୍ଚି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା।




# ଶାରୀଶୂଆ ପାହାଡ଼ରେ ସାଇଣ୍ଟିଫିକ ଟିମ୍

**ଖଇରା, ୨୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୂଆ ପାହାଡର ୭୭ ନମ୍ବର ତଥା ଅନ୍ୟାନ୍ୟ ଖଣି ଉପରେ କଟକ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଚଢାଉର ୧୨ ଘଣ୍ଟା ନ ପୂରୁଣୁ ଆରଏଫଏସଏଲ(ବାଲେଶ୍ୱର ରିଜିଓନାଲ ଫରେନସିକ ସାଇନ୍ସ ଲାବୋରେଟୋରୀ) ଟିମ୍ ପୁନଶ୍ଚ ସୋମବାର ପ୍ରତ୍ୟୁଷରେ ଉକ୍ତ ଖଣିକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସକାଳେ ଏହି ଟିମ୍ ଖଣିକୁ ଯାଇ କକ୍କୁର ସହାୟତାରେ ଖଣିଖନନ ସମ୍ବନ୍ଧୀୟ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ଖଇରା ତହସିଲଦାର ପ୍ରଦୀପ ସାହୁ ଉପସ୍ଥିତ ଥିଲେ। ଖଣିରେ ୱାଗନ ବ୍ଲାଷ୍ଟିଂ ପାଇଁ ବ୍ୟବହୃତ ତାର ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଥିଲେ। ପରେ ଏହି ଟିମ୍ ଖଇରା ଥାନାକୁ ଯାଇ ଆଇଆଇସି ସୁବ୍ରତ କୁମାର ବେହେରାଙ୍କ ସହ ଚଢାଉ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଆଇଆଇସି ବେହେରାଙ୍କ ସହ ଆଲୋଚନା ପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ଙ୍କ ପକ୍ଷରୁ ଖଣି ଚଢାଉ ପରେ ଏକ ମାମଲା (ନଂ. ୪୧/୨୦) ରୁଜୁ କରାଯାଇଛି। ଯାହାର ତଦନ୍ତ ଭାର ତାଙ୍କୁ ଅର୍ପଣ କରାଯାଇଛି। ଏହି ଟିମ୍ ପକ୍ଷରୁ ଖଣି ଅଞ୍ଚଳ ପରିଦର୍ଶନ ତଦନ୍ତର ଏକ ଅଂଶ ବୋଲି କହିଛନ୍ତି। ରବିବାର କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ତେଜରାଜ ପଟେଲଙ୍କ ନେତୃତ୍ୱରେ ଗଠିତ ଏସ୍‌ଟିଏଫ ପକ୍ଷରୁ ବେଆଇନ ଭାବେ ଚାଲିଥିବା ୭୭ନମ୍ବର ଖଣି ଉପରେ ଚଢାଉ କରାଯାଇ ୩ଟି ଗାଡି ଜବତ କରାଯିବା ସହ ୫ଜଣଙ୍କୁ ଗିରଫ କରାଯାଇଥିଲା।


ସାଇଣ୍ଟିଫିକ ଟିମ୍‌ର ମୁଖ୍ୟ ଅଧିକାରିଣୀଙ୍କ ସହ ଆଇଆଇସି ଆଲୋଚନା କରୁଛନ୍ତି।

## ବୈତରଣୀରେ ବୁଡ଼ି ଯୁବକ ମୃତ

**ଦୋବଲ,୨୪।୨**

ଭଦ୍ରକ ଜିଲା ଧାମନଗର ବ୍ଲକ ଦିହୁଡି ଆନନ୍ଦପୁର ଗ୍ରାମର ଅଶ୍ୱିନୀ ନାୟକ ନାମକ ଜଣେ ଯୁବକ ବୈତରଣୀରେ ବୁଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ପୁଅ ଅଶ୍ୱିନୀ ସୋମବାର ପୂର୍ବାହ୍ନରେ ନଦୀର କୁମ୍ଭାରସାହି ଘାଟକୁ ଗାଧୋଇବାକୁ ଯାଇଥିବାବେଳେ ଧସା ବାଲିରେ ଫସି ଯାଇଥିଲେ। ବାଲିରେ ପୋତି ହୋଇ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ଧସା ବାଲିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯାଜପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା: ଜେଲ ଗଲେ ଅଭିଯୁକ୍ତ

**ବାସୁଦେବପୁର,୨୪।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ଅଞ୍ଚଳର ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣାରେ ଅଭିଯୁକ୍ତ ଜଗନ୍ନାଥ ଦାସଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭଦ୍ରକ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଉଲ୍ଲେଖନୀୟ ଯେ, ଲୁଣିସାହି ଗ୍ରାମର ଅଭିଯୁକ୍ତ ଜଗନ୍ନାଥ ରବିବାର ସକାଳେ ଚକୋଲେଟ୍ ଦେବାକୁ କହି ଶିଶୁକନ୍ୟାଙ୍କୁ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗକ୍ରମେ ନାୟକାଣିଡିହୀ ଥାନା ପୋଲିସ ଏକ ମାମଲା(ନଂ.୨୩/୨୦) ରୁଜୁକରି ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରିଥିଲା। ତାଙ୍କର ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

## ଜି. ଉଦୟଗିରିରୁ ଚୋରି ମୋବାଇଲ ଧାମନଗରରେ ଜବତ

**ଧାମନଗର/ଦୋବଲ,୨୪।୨ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ଥାନା ପୋଲିସ ରବିବାର ରାତିରେ ଦକ୍ଷିଣକୋରୁଆ ଗ୍ରାମବାସୀଙ୍କ ଦ୍ୱାରା କାବୁ ହୋଇଥିବା ଜଣେ ମୋବାଇଲ ଚୋରଙ୍କୁ ନେଇ ଅଟକ ରଖିଛି। ଅଟକ ଯୁବକ ଧାମନଗର ନୂଆପଡ଼ା ଗ୍ରାମର ହୋଇଥିବା ଜଣାପଡ଼ିଛି। ପୋଲିସ ତାଙ୍କ ନିକଟରୁ ଦୁଇଟି ମୋବାଇଲ ଜବତ କରିଛି। ଫୋନ କଲ୍ ଦ୍ୱାରା ଗୋଟିଏ ମୋବାଇଲ କନ୍ଧମାଳ ଜି.ଉଦୟଗିରିରୁ ତିନିଦିନ ତଳେ ଚୋରି ହୋଇଥିବା ଜଣାପଡ଼ିଥିଲା। ପୋଲିସ ତାଙ୍କୁ ଅଧିକ ପଚରାଉଚୁରା କରି ଚୋରି ର୍ୟାକେଟକୁ ଠାବ ପାଇଁ ତଦନ୍ତ ଚଳାଇଛି। ରବିବାର ରାତିରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ଯାଜପୁର ଦିଗରୁ ଧାମନଗର ଆସୁଥିବାବେଳେ ଦକ୍ଷିଣକୋରୁଆ ନିକଟରେ ଏକ ହମ୍ପସରେ ପିଟିହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣା ସ୍ଥଳକୁ ଆସିବାରୁ ସେମାନେ ଉଠି ଦୌଡ଼ି ପଳାଇ ଗ୍ରାମ ମଧ୍ୟରେ ପଶିଯାଇଥିଲେ। ଲୋକେ ସନ୍ଦେହରେ ସେମାନଙ୍କୁ ପିଛା କରି ଜଣେ ଯୁବକଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ।

## ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କାର ଚୋରି

**ଭୋଗରାଇ, ୨୪।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବ ନିକଟସ୍ଥ ଆରତୀ ଜୁଏଲେରୀରୁ ରବିବାର ମଧ୍ୟରାତ୍ରିରେ ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଚୋରି ହୋଇଥିବା ତାଳସାରୀ ମେରାଇନ୍ ଥାନାରେ ଜୁଏଲେରୀ ମାଲିକ ଅଭିଯୋଗ କରିଛନ୍ତି। ମେରାଇନ ଥାନା ପୋଲିସ ଏହି ଘଟଣାରେ ଏକ ମାମଲା (ନଂ. ୧୪/୨୦) ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି।

ଜୁଏଲେରୀ ଦୋକାନୀ ଗୋଛିଦା ଡେଘରୀ ଗ୍ରାମର ବିଷ୍ଣୁପଦ କାମିଲା ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ସୋମବାର ଦୋକାନ ଖୋଲିବା ପାଇଁ ଯିବାବେଳେ ତାଙ୍କ ଦୋକାନର ଗ୍ରୀଲ୍ ଭଙ୍ଗା ଥିବାରୁ ସନ୍ଦେହ କରି ଦୋକାନ ଖୋଲିବାରୁ ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଚୋରି ହୋଇଯାଇଥିବା ଜଣାପଡ଼ିଥିଲା। ଜୁଏଲେରୀ ମାଲିକ ସ୍ଥାନୀୟ ସରପଞ୍ଚ ଓ ଭଦ୍ରବ୍ୟକ୍ତିଙ୍କୁ ଡାକି ଦୋକାନ ଚୋରି ହୋଇଯାଇଥିବାର ପ୍ରକାଶ କରିବା ପରେ ମେରାଇନ ଥାନାରେ ଅଭିଯୋଗ କରିଥିଲେ। ଏକ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ଆସିବାର ସୂଚନା ମିଳିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସମିତି ସଭ୍ୟ ପାଇଁ ୨ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

**ପାଟଣା,୨୪।୨(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ସକାଶେ ମାର୍ଚ୍ଚ ୨୦ ତାରଖ ନିର୍ବାଚନ ଅନୁଷ୍ଠିତ ହେବା ସକାଶେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ଈଶ୍ୱର ଚନ୍ଦ୍ର ନାଏକ ବିଜ୍ଞପ୍ତି ଜାରି କରିଛନ୍ତି। ସୋମବାର ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିନ ସୁଦ୍ଧା ୨ଜଣ ବ୍ୟକ୍ତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ କରିଥିବା ବ୍ୟକ୍ତି ହେଉଛନ୍ତି ବିଭୁତି ଭୂଷଣ ନାୟକ ଓ ବିଜୟ କୁମାର ନାଏକ। ଦୁହିଁଙ୍କ ମଧରୁ କେହି ଯଦି ପ୍ରାର୍ଥୀପତ୍ର ପ୍ରତ୍ୟାହାର ନ କରନ୍ତି ତେବେ ଯାଇ ନିର୍ବାଚନ ଅନୁଷ୍ଠିତ ହେବ।

### ବ୍ଲକ ଖବରଦାତା ସଂଘ ବୈଠକ

**ତେଲକୋଇ, ୨୪।୨(ଡ.ଏନ.ଏ.)**- ତେଲକୋଇ ପ୍ରେସ କ୍ଲବ କାର୍ଯ୍ୟାଳୟରେ ଖବରଦାତା ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୫ଟି ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଯାଇଛି। ଖବରଦାତା ସଂଘର ସଭାପତି ରଣଜିତ ବିଶ୍ୱାଳଙ୍କ ଅଧକ୍ଷତାରେ ବୈଠକରେ ବ୍ଲକର ପ୍ରେସ କ୍ଲବକୁ ମଜଭୁତ କରିବା, କ୍ଲବର ଉନ୍ନତି କରଣ, ନିର୍ଭୀକ ଖବର ପ୍ରସାରଣ ସହିତ ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ, ଖବରଦାତାଙ୍କୁ ଦୁର୍ବ୍ୟବହାରର ପ୍ରତିକାର ଏବଂ ଖବରଦାତାଙ୍କ ନିଜ ନିଜ ପରିବାର ସମସ୍ୟାକୁ ଗୁରୁତ୍ୱ ଦେବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତିମାସ ଶେଷ ରବିବାରରେ ଏହି ବୈଠକ ଅନୁଷ୍ଠିତ କରାଯିବ ବୋଲି କୁହାଯାଇଛି। ଖବରଦାତା ଲୋକନାଥ ସାହୁ, ଚିନ୍ମୟ କୁମାର ସାହୁ, ସଂଘର ସମ୍ପାଦକ ଅନୁକୂଳ ବିଶ୍ୱାଳ, ଅକ୍ଷୟ କୁମାର ସାହୁ, ଅମରେଶ ପ୍ରଧାନ, ଡିଲେଶ୍ୱର ସାହୁ, ବିକ୍ରମ କେଶରୀ ଚୌହାନ ପ୍ରମୁଖ ଅଂଶ ଗ୍ରହଣ କରି ପ୍ରସ୍ତାବ ଗୃହୀତ ପରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ସମ୍ପାଦକ ଅନୁକୂଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର,୨୪।୨(ଡି.ଏନ୍.ଏ.)**- ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଧୀନ ତୋଟାନେତ୍ରା ଗ୍ରାମ ନିକଟବର୍ତ୍ତୀ ଘଞ୍ଚ ଜଙ୍ଗଲରୁ ସୋମବାର ପୋଲିସ ଜଣେ ବିବାହିତା ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି। ମହିଳା ଜଣକ ହେଲେ ଉକ୍ତ ଗ୍ରାମର ରୀନା ମହାକୁଡ। ଥାନା ଅଧିକାରୀ ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ସଦଳବଳେ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ସକାଶେ ପଠାଇଛି। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ ହୋଇଛି। ମୃତ ମହିଳା ଜଣକ ଗତ ୪ ତାରିଖରୁ ନିଖୋଜ ଥିଲେ।

### ଆରଆଇ କାର୍ଯ୍ୟାଳୟ ବନ୍ଦ ନେଇ ଅସନ୍ତୋଷ

**ଚିତ୍ରଡ଼ା,୨୪।୨(ଡି.ଏନ୍.ଏ.)**- ମୋରଡ଼ା ତହସିଲ ଅଧୀନ ଚିତ୍ରଡା ଓ ମୋରଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସୋମବାର ଦିନ ତମାମ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଏହି ତହସିଲ ଅନ୍ତର୍ଗତ ହଳଦୀପାଳ ପଞ୍ଚାୟତ ଅସ୍ତିଆ ଗ୍ରାମର ବୃଦ୍ଧା ନେତ୍ରୀ ଦାସ ଖଜଣା ଦେବା ପାଇଁ ଦୀର୍ଘ ୩ କି.ମି. ଚିତ୍ରଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଚାଲି ଚାଲି ଆସିଥିଲେ। ତେବେ କାର୍ଯ୍ୟାଳୟ ବନ୍ଦ ଥିବା ଦେଖି କାର୍ଯ୍ୟାଳୟ ବାରଣ୍ଡାରେ ସେ ଅପେକ୍ଷା କରିଥିଲେ। ବୃଦ୍ଧା ଜଣକ ବର୍ଷାରେ ଓଦା ହୋଇ ଥରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ମୋରଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅପରାହ୍ନ ଗୋଟାଏ ବେଳେ ଖୋଲା ହୋଇଥିଲା। ମୋରଡା ରାଜସ୍ୱ ନିରୀକ୍ଷକଙ୍କୁ ଏବିଷୟରେ ପଚାରିବାରୁ ସେ ଏବଂ ଅନ୍ୟ ୨ ଜଣ କର୍ମଚାରୀ ରାଜସ୍ୱ ଆଦାୟ ପାଇଁ ଭାଲୁକଚୁଆ ଗ୍ରାମକୁ ଯାଇଥିବାରୁ ଅଫିସ ବନ୍ଦ ରହିଥିଲା ବୋଲି କହିଥିଲେ। ସେହିପରି ଚିତ୍ରଡ଼ା ରାଜସ୍ୱ ନିରୀକ୍ଷକ ମନୋଜ ବାରିକଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା। ମୋରଡା ତହସିଲଦାର ପ୍ରିୟଦର୍ଶନୀ ମଲ୍ଲିକଙ୍କୁ ପଚାରିବାରୁ ଅଫିସ ବନ୍ଦ ହୋଇନାହିଁ, ଆରଆଇ ଓ ଅନ୍ୟ କର୍ମଚାରୀମାନେ ଗାଁକୁ ରାଜସ୍ୱ ଆଦାୟ ପାଇଁ ଯାଇଥିବା ପ୍ରକାଶ କରିଛନ୍ତି।

# ସମିତିରେ ତାଲା ପକାଇ ଚାଷୀଙ୍କ ଧାରଣା

## ମିଳୁନି ଟୋକନ, ଧାନ ବିକ୍ରିରେ ଅବ୍ୟବସ୍ଥା

**ତେଲକୋଇ, ୨୪।୨(ଡି.ଏନ.ଏ.)**

ତେଲକୋଇ ସମବାୟ ସମିତି କାର୍ଯ୍ୟାଳୟରେ ଧାନ କିଣାରେ ଅବ୍ୟବସ୍ଥାକୁ ନେଇ ଚାଷୀ ମାନେ ସମବାୟ ଅଫିସ କାର୍ଯ୍ୟାଳୟକୁ ତାଲା ପକାଇ ଅନଶନରେ ବସିଛନ୍ତି । ଏହି ସମବାୟ ସମିତି ଅଧୀନରେ ୧୧୮୫ ଚାଷୀ ପଞ୍ଜୀକୃତ କରିଥିବା ବେଳେ ମାତ୍ର ୩୯୪ ଚାଷୀଙ୍କ ଧାନକ୍ରୟ ହୋଇଛି । ତେବେ ଅନ୍ୟଚାଷୀ ମାନେ ଧାନ ସମବାୟ ସମିତିରେ ଗଚ୍ଛିତ କରି ରଖିଥିବା ବେଳେ ବହୁ ଚାଷୀ ଖଳାରେ ଧାନ ଗଦା କରି ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ବର୍ଷା ଆରମ୍ଭ ହେଉଥିବା ବେଳେ ଚାଷୀଙ୍କ ଧାନ ନଷ୍ଟ ହେବାରେ ଲାଗିଛି। ବର୍ଷା ସତ୍ତ୍ୱେ ଚାଷୀ ମାନେ ସମବାୟ ସମିତି କାର୍ଯ୍ୟାଳୟରେ ୪ଦଫା



ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଚାଷୀମାନେ ଧାରଣାରେ ବସିଛନ୍ତି।

ଦାବିରେ ଧାରଣାରେ ବସିଛନ୍ତି। ଏହି ଦାବିରେ ଟୋକନ ଦେବାରେ ସ୍ୱଚ୍ଛତା, ବେପାରୀ ଧାନ କ୍ରୟ ନ କରି ଚାଷୀଙ୍କ ଧାନ କ୍ରୟ, ମିଲର ଧାନ କ୍ରୟ ପାଇଁ ଠିକ ସମୟ ଦେବା ପାଇଁ ଦାବି କରି ଚାଷୀଙ୍କ ଅନଶନ ଆରମ୍ଭ ହୋଇଛି। ଆହୁରି ମଧ ଜଣାପଡ଼ିଛି ଯେ, ସମବାୟ ସମିତିର ଧାନ କ୍ରୟ ଓ ଟୋକନର ଅବ୍ୟବସ୍ଥା ପାଇଁ ଧାନ ଦଲାଲ ବେପାରୀଙ୍କୁ ୧୧୫୦ଟଙ୍କାରେ ଚାଷୀ ମାନେ ବାଧ ହୋଇ ବିକ୍ରି କରୁଛନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରେ ଲକ୍ଷ୍ମୀଧର ପ୍ରଧାନ, ନାରାୟଣ ପ୍ରଧାନ, ବାବୁଲାଲ ପ୍ରଧାନ, ଦିଲୀପକୁମାର ସାହୁ, ଶେଷଦେବ ବିଶ୍ୱାଳଙ୍କ ସମେତ ବହୁ ଚାଷୀ ଅନଶନରେ ସାମିଲ ଅଛନ୍ତି। ସ୍ଥାନୀୟ ଯୋଗାଣ ଅଧିକାରୀ ଲକ୍ଷ୍ମଣ କୁମାର ମାଝୀଙ୍କୁ ପଚାରିବାରୁ ସେ କହିଲେ ଯେ ଅନଶନ କାରୀ ଚାଷୀଙ୍କ ସହିତ ଅଲୋଚନା କରାଯାଉଛି । ଏନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରାଯାଇଛି। ତୁରନ୍ତ ଏହାର ସମାଧାନ କରାଯିବ।

# ରୋଗୀଙ୍କ ନିମନ୍ତେ ସ୍ୱୟଂ ସହାୟକ ଫ୍ରିଜର

**ବଡବିଲ, ୨୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରବିବାର ଅପରାହ୍ନରେ ସ୍ୱୟଂ ସହାୟକ ଫ୍ରିଜ ଉଦ୍‌ଘାଟିତ ହୋଇଛି। ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ବତନ ଚିକିତ୍ସାଧିକାରୀ ଡାକ୍ତର ସୌଭାଗ୍ୟ ରଶ୍ମି ରଞ୍ଜନ ସାମଲ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି। ବଡ଼ବିଲ ହାଲଚାଲର ମୁଖ୍ୟ ଚିତ୍ତରଞ୍ଜନ କରଙ୍କ ପ୍ରଚେଷ୍ଟାରେ ସ୍ଥାପିତ ଏହି ଫ୍ରିଜର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରୋଗୀମାନଙ୍କ ନିମନ୍ତେ ବେଶ୍ ସହାୟକ ହେବ ବୋଲି ଆଶା ପ୍ରକଟ କରିଛନ୍ତି। ରୋଗୀମାନେ ନିଜେ ଫ୍ରିଜ ଖୋଲି ସେମାନଙ୍କ ଆବଶ୍ୟକ ଖାଦ୍ୟ ନେଇପାରିବେ। ଫ୍ରିଜରରେ ଫଳ, ପାଉଁରୁଟି ଆଦି ଭର୍ତ୍ତିକରି ରଖାଯାଇଥିବାବେଳେ ବଦାନ୍ୟ ବ୍ୟକ୍ତିମାନେ ଉକ୍ତ ଫ୍ରିଜରେ ଦାନ ସ୍ୱରୂପ ରୋଗୀଙ୍କ ଉପଯୋଗୀ ଖାଦ୍ୟ ସାମଗ୍ରୀ ଦେଇପାରିବେ ବୋଲି ଚିତ୍ତରଞ୍ଜନ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବହୁ ସ୍ୱେଚ୍ଛାସେବୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# ସ୍କୁଲ ବନ୍ଦ ନିଷ୍ପତ୍ତିକୁ କେନ୍ଦୁଝର ଓଷ୍ଟାର ବିରୋଧ

**କେନ୍ଦୁଝର, ୨୪।୨(ଡି.ଏନ୍.ଏ.)**

ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ନୂତନ ଅନୁଦାନପ୍ରାପ୍ତ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକୁ ବନ୍ଦ କରି ନିକଟସ୍ଥ ସରକାରୀ ବିଦ୍ୟାଳୟରେ ମିଶ୍ରଣ କରିବାକୁ ଯୋଜନା କରି ରାଜ୍ୟର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ମତାମତ ଲୋଡି ଫେବୃଆରୀ ୨୭ ସୁଦ୍ଧା ସେମାନଙ୍କ ରିପୋର୍ଟ ଦେବାକୁ କହିଛନ୍ତି। ଏହାଦ୍ୱାରା ଗାଁ ଗହଳିରେ ଥିବା ଅଧିକାଂଶ ସ୍କୁଲ ବନ୍ଦ ହୋଇଯିବ। ସରକାରଙ୍କ ଏପରି ନିଷ୍ପତ୍ତିକୁ ଓଷ୍ଟା ବିରୋଧ କରିଛି। ସରକାର ଏହି ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷୟିତ୍ରୀଶିକ୍ଷକ ପଦବୀ ପୂରଣ ନକରି ଅନୁଦାନପ୍ରାପ୍ତ ଏବଂ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ବନ୍ଦ କରିବାକୁ ମସୁଧା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ, ଯେଉଁ ବିଦ୍ୟାଳୟଗୁଡିକୁ ସରକାର ବନ୍ଦ କରିବାକୁ ଯୋଜନା କରୁଛନ୍ତି ସେଗୁଡିକ ସବୁ ସେହି ଗାଁ ଗହଳିର ସାଧାରଣ ଜନତାଙ୍କ ଜମି, ଅର୍ଥ ଏବଂ ପରିଶ୍ରମରେ ପ୍ରତିଷ୍ଠା ହୋଇଛି। ବିଦ୍ୟାଳୟ ପ୍ରତିଷ୍ଠା ହେବାର ୧୦ରୁ ୨୦ ବର୍ଷ ପରେ ଶିକ୍ଷକଙ୍କ ଦରମା ଆକାରରେ ସରକାର କିଛି ଅନୁଦାନ ଦେଉଛନ୍ତି। ବର୍ତ୍ତମାନ ସେସବୁ ବିଦ୍ୟାଳୟର ଅଧିକାଂଶ ଅବସର ଗ୍ରହଣ କରିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସ୍ୱାଭାବିକ। ସରକାର ଏହି ସବୁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ନକରି ଛାତ୍ରୀଛାତ୍ର କମ୍ ଥିବା ଦର୍ଶାଇ ବିଦ୍ୟାଳୟଗୁଡିକୁ ବନ୍ଦ କରିବାକୁ ଯୋଜନା କରିଥିବା ଓଷ୍ଟା କେନ୍ଦୁଝର ପକ୍ଷରୁ ନିନ୍ଦା କରାଯାଇଛି। ସରକାର ଏପରି ନିଷ୍ପତ୍ତି ନେଲେ ବେକାର ସିଟି, ବିଏଡ ଛାତ୍ରୀଛାତ୍ର ନିଯୁକ୍ତିରୁ ବଞ୍ଚିତ ହେବେ। ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଲେ ଶିକ୍ଷା ବ୍ଯବସ୍ଥା ସଙ୍କୁଚିତ ହେବ ବୋଲି ଓଷ୍ଟା କେନ୍ଦୁଝରର ସଂପାଦକ କ୍ଷୀରୋଦ କୁମାର ରାଉତ କହିଛନ୍ତି। ଦୀର୍ଘ ବର୍ଷ ଧରି ଗଢି ଉଠିଥିବା ବିଦ୍ୟାଳୟକୁ ରକ୍ଷା କରିବାକୁ ଶିକ୍ଷକ, ଅଭିଭାବକ ଏବଂ ଜନସାଧାରଣଙ୍କୁ ନେଇ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଓଷ୍ଟା ପକ୍ଷରୁ ରାଜ୍ୟ ସମ୍ପାଦକ କାହ୍ନୁଚରଣ ସାମଲ ସୂଚନା ଦେଇଛନ୍ତି। ସରକାର ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସର୍ବଶ୍ରୀ ଶାନ୍ତନୁ କୁମାର ମିଶ୍ର, ରଘୁନାଥ ବେହେରା, ପୁଷ୍ପାଞ୍ଜଳି ମିଶ୍ର, ଜ୍ଞାନେନ୍ଦ୍ର କୁମାର ଦେଓ, ସଚ୍ଚିଦାନନ୍ଦ ସାହୁ, କାଶୀନାଥ ମହାନ୍ତ, ବାସୁଦେବ ମହାନ୍ତ ପ୍ରମୁଖ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକଙ୍କୁ ଆଣି ସରକାରୀ ବିଦ୍ୟାଳୟ ଚଳାଇବାକୁ ଘୋର ବିରୋଧ କରିଛନ୍ତି।

## ଶିକ୍ଷକଙ୍କ ଆତ୍ମହତ୍ୟା

**ଚମ୍ପୁଆ, ୨୪।୨(ଡି.ଏନ.ଏ)**

ଚମ୍ପୁଆ ଥାନା ଅନ୍ତର୍ଗତ ବ୍ରହ୍ମପୁର କରଞ୍ଜିଆଠାରେ ଜଣେ ଶିକ୍ଷକ ତାଙ୍କ ନିଜ ଘରେ ଫାଶୀଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଥିବାବେଳେ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଚମ୍ପୁଆ ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ବ୍ରହ୍ମପୁରସ୍ଥିତ ଶୈଳ ପ୍ରଧାନଙ୍କ ପୁଅ ଗୌରୀଶଙ୍କର ପ୍ରଧାନ ସୋମବାର ସକାଳେ ନିଜ ଘର ଭିତରେ ବେକରେ ଏକ ଲୁଗା ବନ୍ଧା ହୋଇ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକ ଚମ୍ପୁଆ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନା ପଠାଇଥିବା ଜଣାଯାଇଛି। ଗୌରୀଶଙ୍କର କାଶିପାଳ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ।

# ରାଶନକାର୍ଡ ଥାଇ ଚାଉଳ ପାଉନାହାନ୍ତି ହିତାଧିକାରୀ


ବିଡିଓଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

**ଯୋଡ଼ା, ୨୪।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକର ବଲାଣୀ ଅଁସେଇକଳା ପଞ୍ଚାୟତର ଶତାଧିକ ରାଶନକାର୍ଡ ହିତାଧିକାରୀମାନେ ଚାଉଳ ପାଉ ନ ଥିବା ସୋମବାର ଯୋଡା ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତର ଶତାଧିକ ହିତାଧିକାରୀ ଅଭିଯୋଗ କରିଛନ୍ତି ଯେ, ଗତ ନଭେମ୍ବର ମାସଠାରୁ ଯୋଗାଣ କାର୍ଯ୍ୟାଳୟରେ ରାଶନକାର୍ଡ ସହିତ ଆଧାରକାର୍ଡ ସଂଯୋଗ ନିମନ୍ତେ ଆଧାରକାର୍ଡ ଜମା କରିବା ପାଇଁ କୁହାଯାଇଥିଲା । ଯୋଗାଣ କାର୍ଯ୍ୟାଳୟରେ ସେମାନେ ଆଧାରକାର୍ଡ ଜମା କରିବପପା ପରେ ମଧ ସେମାନଙ୍କୁ ଚାଉଳ ମିଳୁନାହିଁ । ପଞ୍ଚାୟତରେ ମଧ ହିତାଧିକାରୀ ତାଲିକାରୁ ସେମାନେ ବାଦ୍ ପଡିଥିବା ସେମାନେ ଅଭିଯୋଗ କରିଛନ୍ତି। ଚାଉଳ ନ ପାଇବାରୁ ଗରିବ ଲୋକଙ୍କୁ ଭୋକ ଉପାସରେ ରହିବାକୁ ପଡୁଛି। ଏନେଇ ଯୋଡା ବିଡିଓ ଯୋଗେଶ୍ୱର ନାଏକଙ୍କୁ ପଚାରିବାରୁ ହିତାଧିକାରୀଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ଠିକ୍ ତଥ୍ୟ ଆଧାରକାର୍ଡ ରାଶନକାର୍ଡ ସହିତ ସଂଯୋଗ ହେଲେ ଚାଉଳ ମିଳିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଶମ୍ବର ମାଂସ, ବନ୍ଧୁକ ଜବତ: ଶିକାରୀ ଗିରଫ


ଜବତ ଶମ୍ବର ମାଂସ ଓ ବନ୍ଧୁକ ସହ ଗିରଫ ଶିକାରୀ।

**ଉଦଳା,୨୪।୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ବନବିଭାଗ ରବିବାର ଭୋର ସମୟରେ ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଆଠପଡା ଅଞ୍ଚଳରେ ଚଢାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଶିକାରୀ ଜଣକ ହେଲେ ଆଠପଡା ଗ୍ରାମର ମୋହନ ହାଁସଦା। ତାଙ୍କ ନିକଟରୁ ୫୦ କେ.ଜି ସମ୍ବର ମାଂସ, ଗୋଟିଏ ଦେଶୀ ବନ୍ଧୁକ, ଧନୁ ଏବଂ ତୀର ଜବତ ହୋଇଛି । ଅଭିଯୁକ୍ତ ମୋହନଙ୍କ ନାମରେ ଏକ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି । ଚଢାଉ ସମୟରେ ଅନ୍ୟ ୭ ଶିକାରୀ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଶିମିଳିପାଳ ଅଭୟାରଣ୍ୟରେ ଅବାଧ ବନ୍ୟଜନ୍ତୁ ଶିକାର ଚାଲିଥିବା ଅଭିଯୋଗ ହେଉଛି। ବନବିଭାଗ କାଁ ଭାଁ କେତେବେଳେ କେମିତି ଚଢାଉ କରି ଜଣେ ଦୁଇ ଜଣ ଶିକାରୀଙ୍କୁ ଧରୁଥିବା ବେଳେ ଅନ୍ୟ ଶିକାରୀମାନଙ୍କ ଟେର୍ ପାଇପାରୁ ନାହିଁ । ଏହାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ନାବାଳିକା ଅପହରଣକାରୀଙ୍କ ଟେର୍ ପାଉନି ପୋଲିସ

**ବୈଶିଙ୍ଗା,୨୪।୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ବେଳେ ପୋଲିସ ଅପହରଣକାରୀଙ୍କ ଟେର୍ ପାଇ ପାରି ନାହିଁ। ନବମ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳିକାଙ୍କୁ ସେହି ଗ୍ରାମର ଯୁବକ ଶଙ୍କର ସିଂ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ହାଇଦ୍ରାବାଦଠାରେ ଏକ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ତେବେ ଗତ ସରସ୍ୱତୀ ପୂଜା ସମୟରେ ସେ ଗ୍ରାମକୁ ଫେରି ଆସିଥିଲେ। ଗତ ମାସ ୨୧ ତାରିଖ ରାତିରେ ସମ୍ପୃକ୍ତ ଯୁବକ ଅନ୍ୟ ୨ ସହଯୋଗୀଙ୍କ ସହାୟତାରେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ସମ୍ପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଜଣେ ଲୋକପ୍ରତିନିଧି ଜଡିତ ଥିବା ଅଭିଯୋଗ ହୋଇଛି। ଏନେଇ ଏକ ମାମଲା(ନଂ.୩୭/୨୦) ରୁଜୁ ହୋଇଛି।

# ଗୋପୀନାଥ, ବାବାଜୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବଡଲା, ୨୪।୨(ଡି.ଏନ.ଏ.)**

ହାଟଡିହୀ ବ୍ଲକର ବାଲିବରେଇ ମିନି ଷ୍ଟାଡିୟମରେ ଗୋପୀନାଥ ଓ ବାବାଜୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏମଟିସିସି କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିବାବେଳେ ଅଣିଜ ଟିମ୍ ଓ ହାଟଡିହୀ ଟିମ ଫାଇନାଲକୁ ପ୍ରବେଶ କରିଥିଲେ। ପ୍ରଥମେ ହାଟଡିହୀ ଟିମ ୯୯ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲେ। ତାହାର ଜବାବରେ ଅଣିଜ ଟିମ୍ ୭୮ ରନ କରି ଅଲଆଉଟ ହୋଇଯାଇଥିଲେ। ହାଟଡିହୀ ଟିମ୍ ଚାମ୍ପିୟନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘର ସଭାପତି ରମାକାନ୍ତ ନାୟକ, ସମ୍ମାନିତ ଅତିଥି ସାରଙ୍ଗଧର ରାଇସ ମିଲର ଏମଡି ଅଶୋକ ରାଉତ, ପଢ଼ିଆରୀପଲ୍ଲୀ ସରପଞ୍ଚ ନିରୂପମା ପାତ୍ର, ବାଲିବରେଇ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ତଥା ଖେଳଶିକ୍ଷକ ଅନନ୍ତ ଚରଣ ରାଉତ, ନାରାୟଣ ଜେନା, ଭଗବାନ ବେହେରା, ବୈଷ୍ଣବ ପୁହାଣ, ତ୍ରିଲୋଚନ ପହି, ଶିକ୍ଷକ ମୋହନ ଚରଣ ମହାନ୍ତି, ପ୍ରଫୁଲ୍ଲ ମଲ୍ଲିକ ପୂର୍ଣ୍ଣେନ୍ଦୁ ଥାଟୋଇ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଓ ରନର୍ସଅପ୍‌ଙ୍କୁ ପୁରସ୍କୃତ କରିଥିଲେ। ଦୁର୍ଗାପ୍ରସାଦ ଆୟଚ, ଅଜିତ ଜେନା, ବିଶ୍ୱନାଥ ପୁହାଣ, ବାଦଲ ଆୟଚ, ବାପି, ରାଜେଶ ପ୍ରମୁଖ କ୍ଲବ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଖବରଦାତା- ପୋଲିସ ସମନ୍ୱୟ ରକ୍ଷା ନେଇ ଆଲୋଚନା

**କୁଆମରା,୨୪।୨(ଡି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବର ଏକ ବୈଠକ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧକ୍ଷତାରେ କୁଆମରାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ପକ୍ଷରୁ ଆସନ୍ତା ମଙ୍ଗଳବାର କୁଷ୍ଠ ରୋଗ ଉପରେ ଏକ ସଚେତନତା ଶିବିର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଖୁଣ୍ଟା ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ସବ ଇନ୍ସପେକ୍ଟର ସୌମ୍ୟ ରଞ୍ଜନ ଭୋଳ ଓ ପ୍ରେସ କ୍ଲବର ସଭାପତି ଦାଶଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଖବରଦାତା ଓ ପୋଲିସ ମଧ୍ୟରେ କିପରି ସମନ୍ୱୟ ରକ୍ଷା ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଚିତ୍ତରଞ୍ଜନ ଦଳେଇ ସ୍ୱାଗତ ଭାଷଣ ଓ ରଞ୍ଜନ କୁମାର ମଢୁଆଳ ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର କୁମାର ବାବୁଲି, ଶାନ୍ତନୁ ମଢୁଆଳ, ହିରେନ ରାୟ, ମାଣିକ ହେମ୍ବ୍ରମ, ଦୀପକ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୮୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଉଦଳା,୨୪।୨(ଡି.ଏନ୍.ଏ.)**

ଉଦଳାଠାରେ କପ୍ତିପଦା ଉପଖଣ୍ଡ ନିମନ୍ତେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ସମୁଦାୟ ୮୭ ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲାପାଳ ଭଗବାନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଦେବଦତ୍ତ ପଣ୍ଡା, ଉଦଳା ଡାକ୍ତରଖାନାର ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ପୋଲିସ୍ ଅଧିକାରୀ ସବିତା ମାଝୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣୀ ପ୍ରମୁଖଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଜିଲାପାଳଙ୍କୁ ସହଯୋଗ କରିଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ୭୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ରହିଥିବା ବେଳେ ୧୦ଟି ସାମୂହିକ ସମସ୍ୟାଭିତ୍ତିକ ଅଭିଯୋଗ ଥିଲା । ସେଥିମଧ୍ୟରୁ ତତ୍କାଳ ୧୪ଟି ସମସ୍ୟାର ସମାଧାନ କରାଯାଇଥିଲା । ଚିକିତ୍ସାଜନିତ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୪ ଜଣଙ୍କୁ ୧୩ ହଜାର ଏବଂ ରେଡକ୍ରସରୁ ଜଣଙ୍କୁ ଏକ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ହୋଇଥିବା ଅଭିଯୋଗଗୁଡିକ ମଧ୍ୟରେ ଗୃହ ନିର୍ମାଣ ସହାୟତା ପ୍ରଦାନ, ସ୍କୁଲ ପାଖରେ ମଦ ଦୋକାନ, ବିଦ୍ୟୁତ୍ ସଂଯୋଗ ନ ଥାଇ ବିଲ୍ ଆସିବା, ଜମି ପଟ୍ଟା ନ ଥାଇ ଗୃହ ନିର୍ମାଣ ସାହାଯ୍ୟ ମଞ୍ଜୁର ହେବା, ଜଣଙ୍କର ଜମି ଅନ୍ୟ ଦ୍ୱାରା ଜବରଦଖଲ ହେବା, ଭୂମିହୀନଙ୍କୁ ଜମି ପ୍ରଦାନ ଭଳି ବିଭିନ୍ନ ଅଭିଯୋଗ ରହିଥିଲା ।

# ଚୋରି କରି ନେଇଗଲେ ଇନ୍ଦିରା ଆବାସ

**ବାରିପଦା ଅଫିସ, ୨୪।୨**

ଦୀର୍ଘ ବର୍ଷ ହେଲା ପକ୍କା ଘରଟିଏ ପାଇଁ ବିଭିନ୍ନ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ ଘର ଖଣ୍ଡିଏ ମିଳିଲା ନାହିଁ। ଫଳରେ ଏକ ଟାଇଲଛପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି ଗୋଟିଏ ପରିବାରର ୬ ପ୍ରାଣୀ କୁଟୁମ୍ବ। ତାଙ୍କ ନାମରେ ପକ୍କା ଘର ମଞ୍ଜୁର ହୋଇ ଅର୍ଥ ଉଠାଇ ନିଆଯାଇଛି। ବ୍ଲକରୁ କର୍ମଚାରୀମାନେ ଘର ଦେଖି ଫଟୋ ଉଠାଇବା ପାଇଁ ଯାଇଥିବା ବେଳେ ଘଟଣା ପଦାକୁ ଆସିଥିଲା। ଘର ନିର୍ମାଣ ପାଇଁ ଏହି ପରିବାର କାର୍ଯ୍ୟାଦେଶ କିମ୍ବା ଅର୍ଥ ପାଇ ନ ଥିବା ବେଳେ ତାଙ୍କ ନାମରେ କେହି ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି। ବ୍ଲକର କେତେକ ଅସାଧୁ କର୍ମଚାରୀ ତାଙ୍କ ଘର ଚୋରି କରି ନେଇଥିବା କ୍ଷୋଭର ସହ କହିଛନ୍ତି ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ବିଜୟ କୃଷ୍ଣଚନ୍ଦ୍ରପୁର ଗ୍ରାମର ଅଞ୍ଜନା ନାୟକ।

ଆଦିବାସୀଙ୍କ ଉନ୍ନତି ନିମନ୍ତେ ନିଯୁକ୍ତି ପାଇଥିବା ଅଧିକାରୀମାନେ ଶେଷରେ ପକ୍କା ଘର ଲାଗି ହିତାଧିକାରୀଙ୍କ ଟଙ୍କା ଚଳୁ କରିଦେବା ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି।


ସ୍ୱାମୀଙ୍କ ସହ ଟାଇଲଛପର ଘରେ ବସିଛନ୍ତି ଅଞ୍ଜନା ନାୟକ ।

ପ୍ରାୟ ୮ ମାସ ତଳେ ବ୍ଲକରୁ ଜଣେ କର୍ମଚାରୀ ଯାଇ ଅଞ୍ଜନାଙ୍କୁ ତାଙ୍କର ପକ୍କାର ଘର ହୋଇ ଯାଇଥିବା ବେଳେ କେଉଁଠି ଘର ହୋଇଛି ଦେଖାଇବାକୁ କହିଥିଲେ। ହେଲେ ତାଙ୍କର ପକ୍କା ଘର ହୋଇ ନ ଥିବା ଅଞ୍ଜନା କହିଥିଲେ। ସେହିଭଳି ତାଙ୍କୁ ପକ୍କା ଘର ନିର୍ମାଣ ଲାଗି ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳି ନ ଥିବା କହିଥିଲେ। ପରେ ଏ ନେଇ ଖୋଳତାଡ଼ କରିବାରୁ ୨୦୧୫ରେ ଅଞ୍ଜନାଙ୍କ ନାମରେ ଇନ୍ଦିରା ଆବସ ଆସିଥିବା ବେଳେ ତାଙ୍କୁ ୭୫ ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସରକାରୀ ତଥ୍ୟ ମଧ ରହିଛି। ତେବେ ସେ କିଛି ସହାୟତା ରାଶି ପାଇ ନ ଥିବା ବେଳେ କିପରି ତାଙ୍କ ନାମରେ ଘର ସମ୍ପୂର୍ଣ୍ଣ ହୋଇଛି ବୋଲି ଏ ନେଇ ସେ ବିଡିଓଙ୍କୁ ପଚାରିଥିଲେ ହେଲେ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ପରେ ଭାଜପା ନେତା ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଜଣାଇବାରୁ ଗତ ଅକ୍ଟୋବର ୧୫ ତାରିଖରେ ସେମାନେ ଶୁଳିଆପଦା ବିଡିଓଙ୍କୁ ଦେଖା କରିବା ପରେ ତାଙ୍କୁ ଘର ପ୍ରଦାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମିଳିବାର

- ଟାଇଲଛପର ଘରେ ରହୁଛନ୍ତି କିନ୍ତୁ ସରକାରୀ ତଥ୍ୟ କହୁଛି ପକ୍କା ଘର ମିଳିଛି
- ବିଡିଓ କହୁଛନ୍ତି ମୋ ସମୟରେ ହୋଇନି

ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଦାବି କରିଥିଲା। ଏ ନେଇ ଶୁଳିଆପଦା ବିଡିଓ ପରୀକ୍ଷିତ ଜେନାଙ୍କୁ ପଚାରିବାରୁ ସେ କୁହନ୍ତି ଯେ, ଏହା ମୋ ସମୟରେ ହୋଇନାହିଁ ଏବଂ ଏ ଦିଗରେ ସେ କିଛି କହିପାରିବେ ନାହିଁ ବୋଲି ସଫେଇ ଦେଇଥିଲେ। ଅନ୍ୟପକ୍ଷେ ଚର୍ଚ୍ଚା ହେଉଛି ଯେ ସେତେବେଳେ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ପକ୍କା ଘର ପାଇଁ ବିଭିନ୍ନ ହିତାଧିକାରୀଙ୍କ ନାମରେ ଆସିଥିବା ଟଙ୍କାକୁ ଚଳୁ କରି ଦେଇଛନ୍ତି। ଏପରିକି ସେହି ସମୟର ଫାଇଲ୍‌କୁ ମଧ ଗାଏବ କରି ଦେଇଛନ୍ତି। ତାଙ୍କ ନାମରେ ଆସିଥିବା ପକ୍କା ଘର ଟଙ୍କା ଚଳୁ କରିଥିବା କର୍ମଚାରୀ କିମ୍ବା ଅଧିକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ହେବ ତାକୁ ଅନାଇ ବସିଛନ୍ତି ଅଞ୍ଜନା। ସେହିଭଳି ତାଙ୍କୁ ପକ୍କା ଘର ପ୍ରଦାନ କରାଯିବା ନିମନ୍ତେ ସେ ଦାବି ମଧ କରିଛନ୍ତି।

## ସଂକ୍ଷେପରେ

### ଓଲଟିଲା ଟ୍ରକ୍, ଡ୍ରାଇଭର ମୃତ

**ଯୋଡ଼ା, ୨୪।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ପଳସାଠାରେ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ପୋଲିସ ସୂତ୍ରରୁ ଜଣାପଡିଛି ଯେ, ରବିବାର ଭୋର ସମୟରେ ଖଣ୍ଡବନ୍ଧ ଆଡୁ ଏକ ଟ୍ରକ ଲୁହାପଥର ବୋଝେଇ କରି ଜୁରୁଡି ଅଭିମୁଖେ ଆସୁଥିବା ବେଳେ ପଳସା ଘାଟିଠାରେ ଓଲଟି ପଡିଥିଲା। ଫଳରେ ଉକ୍ତ ଟ୍ରକର ଡ୍ରାଇଭର ରବୀନ୍ଦ୍ର ଦିଆଣି (୫୦) ଟ୍ରକ ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଏନେଇ ବାମେବାରୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୨୭/୨୦୨୦) ରୁଜୁ କରିଛି।

### ବାମେବାରୀ ଅଞ୍ଚଳରେ ଚୋରି

**ଯୋଡ଼ା, ୨୪।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବି ପ୍ଲଟ ଠାରେ ଏକ ଗ୍ରୋସରୀ ଦୋକାନରୁ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବି ପ୍ଲଟଠାରେ ଲୋଚନ ପଲେଇଙ୍କର ଏକ ଛୋଟ ଗ୍ରୋସରୀ ଦୋକାନ ରହିଛି । ଗତ ୨୨ ତାରିଖ ରାତିରେ ତାଙ୍କ ଦୋକାନର କବାଟ ଭାଙ୍ଗି କେହି ଦୁର୍ବୃତ୍ତ ନଗଦ ୬୦ ହଜାର ଟଙ୍କା ଚୋରି କରିନେଇଥିବା ନେଇ ଲୋଚନ ଅଭିଯୋଗ କରିଛନ୍ତି। ଏନେଇ ବାମେବାରୀ ଥାନାରେ ଏକ ମାମଲା (ନଂ.୨୧/୨୦୨୦) ରୁଜୁ ହୋଇଛି । ସେହିପରି ଗତ ୧୯ ତାରିଖ ମଧ ବାମେବାରୀ ଥାନା ଜରିବାହାଲ ଅଞ୍ଚଳର ମୁଖିଆ ମୁଣ୍ଡାଙ୍କର ବାଇକ୍ ଚୋରି ହୋଇଯାଇଥିବା ନେଇ ବାମେବାରୀ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ବାମେବାରୀ ପୋଲିସ ଏକ ମାମଲା (ନଂ.୨୨/୨୦୨୦) ରୁଜୁକରି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି।

### ସେବା ସଙ୍ଗଠନ ସମ୍ମାନିତ



**ହାଟଡିହୀ,୨୪।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ଫ୍ରେଣ୍ଡ ଫର ଫାଉଣ୍ଡେସନ ସେବା ସଂଗଠନକୁ ସମ୍ମାନିତ କରାଯାଇଛି। କଟକରେ ବିଶ୍ୱ ଗୋ ସୁରକ୍ଷା ବାହିନୀ ବାର୍ଷିକ ଉତ୍ସବରେ ଏହି ସେବା ସଂଗଠନକୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସଙ୍ଗଠନର ସଦସ୍ୟ ଦେବାଶିଷ ଖଣ୍ଡେଇ, ପ୍ରତିଷ୍ଠାତା ଜିତେନ୍ଦ୍ର କୁଅଁର, ଦିବ୍ୟରଞ୍ଜନ ଜେନା, କିଶୋର କୁଅଁର, ରଶ୍ମି ରଞ୍ଜନ ଜେନା, କିଶୋର ସିଂ, ଦୀପକ ମୁଖୀ, ଆକାଶ ମୁଖୀ, ଅଶୋକ ଦାସ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ମାନପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ। ଅସହାୟ ଗରିବଙ୍କୁ ସାହାଯ୍ୟ ଚିକିତ୍ସା ସେବା ଲାଗି ସଂଗଠନକୁ ସମ୍ମାନିତ କରାଯାଇଥିଲା।

# କେଏନ୍‌ରାମ ଖଣିରୁ ଲୁହାପଥର ଚୋରି

## ୨ ଟିପର ଜବତ, ୫ ଗିରଫ

**ବଡବିଲ, ୨୪।୨ (ସ୍ୱ.ପ୍ର.)**


ଗିରଫ ୫ ଅଭିଯୁକ୍ତ ।

କେନ୍ଦୁଝର ଜିଲା ଯୋଡା ଖଣି ସର୍କଲର ଟଣ୍ଟୋସ୍ଥିତ ମେସର୍ସ କେଏନ୍‌ରାମର ରୋଇଡା –୨ ଲୌହ ଖଣିରୁ ସାଇଜ ଲୁହାପଥର ଚୋରି ଘଟଣାରେ ବଡବିଲ ପୋଲିସ ସୋମବାର ୮୫ ମେଟ୍ରିକ ଟନ ସାଇଜ ଲୁହାପଥର ବୋଝେଇ ୨ ଟିପର ଜବତ କରିବା ସହ ଘଟଣାରେ ସଂପୃକ୍ତ ୫ ଜଣଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କମ୍ପାନୀ ଖଣିରେ ନିୟୋଜିତ ଓଜନ କଣ୍ଟା ଅପରେଟର ରାଜୁ ନସ୍କାର, କମ୍ପାନୀରେ ନିୟୋଜିତ ସୁରକ୍ଷା କର୍ମୀ ବୁଧିରାଜ ଗୁରୁଙ୍ଗ, ଟିପର ମାଲିକ ରକି ଏବଂ ଚାଳକ ପିଣ୍ଟୁ କୁମାର, ୧୪ ଚକିଆ ଟିପର ମାଲିକ ସଞ୍ଜୟ କୁମାର ସାହା।

ପ୍ରାପ୍ତ ସୂଚନାନୁଯାୟୀ, ବଡବିଲ ଥାନାରେ କମ୍ପାନୀ ପକ୍ଷରୁ ହୋଇଥିବା ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ଏକ ମାମଲା (ନଂ.୨୬/୨୦) ରୁଜୁ ହୋଇଛି। ଗତ ୨୧ ତାରିଖ ବିଳମ୍ବିତ ରାତି ପ୍ରାୟ ୨ଟା ୨୦ ମିନିଟରେ ସାଇଜ ଲୁହାପଥର ବୋଝେଇ ଥିବା ଏକ ୧୪ ଚକିଆ ଟିପର ଏବଂ ଏକ ୧୨ ଚକିଆ ଟିପର କୌଣସିମତେ ଜଣେ ସୁରକ୍ଷା କର୍ମୀ ଏବଂ କମ୍ପାନୀର ଜଣେ କର୍ମଚାରୀଙ୍କ ସହାୟତାରେ ଖଣି ଓଜନକଣ୍ଟା ନିକଟରୁ ଟ୍ରାନ୍‌ଜିଟ ପାସ ନ ନେଇ ପଳାୟନ କରୁଥିଲେ। ଏହି ସମୟରେ ଖଣିରେ ଥିବା ଆସିଷ୍ଟାଣ୍ଟ ମ୍ୟାନେଜର ଡମ୍ବରୁଧର ମହାନ୍ତ, ଫୋରମ୍ୟାନ ଅଜିତ ମହାନ୍ତ ଏବଂ ଡେସପାଚ ସୁପରଭାଇଜର ଅଜିତ ଠକ୍କର ଟିପର ସମ୍ପୃକ୍ତ ଟିପର ଦ୍ୱୟକୁ ଅଟକାଇଥିଲାବେଳେ ଟିପର ଛାଡି ଜଣେ ଚାଳକ ପଳାୟନ କରିଥିଲେ। ତେବେ ଘଟଣାସ୍ଥଳରେ ଥିବା ପିଣ୍ଟୁ କୁମାର ନାମକ ଚାଳକଙ୍କୁ କାବୁ କରିନେଇଥିଲେ। ଏ ନେଇ ବଡବିଲ ଥାନାରେ କମ୍ପାନୀ ପକ୍ଷରୁ ଅଭିଯୋଗ ପରେ ପୋଲିସ ସାଇଜ ଲୁହାପଥର ବୋଝେଇ ଟିପର ଦ୍ୱୟକୁ ଜବତ କରିବା ସହ ଘଟଣାର ତଦନ୍ତ କରି ସଂପୃକ୍ତଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ସୁରକ୍ଷାକର୍ମୀ ଫେରାର ଥିବାବେଳେ ଚୋରା ଲୁହାପଥର କ୍ରୟ କରୁଥିବା ଝାଡଖଣ୍ଡ ରାଜ୍ୟ ଟାଟାନଗର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ଫେରାର ଥିବା ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ପାଣି ପଞ୍ଚାୟତ ନିର୍ବାଚନ ନାମାଙ୍କନପତ୍ର ଦାଖଲ

**ହାଟଡିହୀ, ୨୪।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଛେନାପଦି ଜଳସେଚନ ବିଭାଗ ତରଫରୁ ପାଣି ପଞ୍ଚାୟତ ନିର୍ବାଚନ ପାଇଁ ସୋମବାର ଠାରୁ ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି। ମୋଟ ୧୪ଟି ପାଣି ପଞ୍ଚାୟତ ମଧ୍ୟରୁ ୩ଟି ପାଣି ପଞ୍ଚାୟତ ପାଇଁ ପ୍ରାର୍ଥୀ ପତ୍ର ଦାଖଲ ହୋଇଥିଲା। ୭୩ ନଂ ପାଣି ପଞ୍ଚାୟତରେ ୧୪ ଜଣ ଚକଧାରୀଙ୍କ ମଧ୍ୟରୁ ୧୧ ଜଣ ନାମାଙ୍କନ ଦାଖଲ କରିଥିଲେ। ଅବଶିଷ୍ଟ ୩ଟି ଚକରେ କେହି ନାମାଙ୍କନ ଦାଖଲ କରି ନ ଥିଲେ। ୭୪ ନଂ ପାଣି ପଞ୍ଚାୟତରେ ୧୮ ଜଣ ଚକଧାରୀଙ୍କ ମଧ୍ୟରୁ ୧୮ ଜଣ ନାମାଙ୍କନ ଦାଖଲ କରିଥିଲେ। ୭୬ ନଂ ପାଣି ପଞ୍ଚାୟତରେ ୯ଜଣ ଚକଧାରୀଙ୍କ ମଧ୍ୟରୁ ୯ ଜଣ ନାମାଙ୍କନ ଦାଖଲ କରିଥିଲେ। ତେବେ ୩ଟି ଯାକ ପାଣି ପଞ୍ଚାୟତରେ ମୋଟ ୩୮ ଜଣ ନାମାଙ୍କନ ଦାଖଲ କରିଥିଲେ। ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଏସଡିଓ ସଞ୍ଜୀବ ବେହେରା ଓ ଯନ୍ତ୍ରୀ ସେନାପତି ନାୟକ କହିଛନ୍ତି। ରଞ୍ଜନ ମହାପାତ୍ର, ଭଗବାନ ଜେନା, ରଞ୍ଜନ ନାୟକ, ନିତ୍ୟାନନ୍ଦ ରଣା, କୋଦଣ୍ଡଦର ଜେନା, ବଟକୃଷ୍ଣ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଚଳିତ ମାସ ୭୭ ଓ ୭୮ ନଂ ପାଣି ପଞ୍ଚାୟତ ପାଇଁ ୨୭ ତାରିଖ, ୪୫ ଓ ୬୮ ନଂ ପାଣି ପଞ୍ଚାୟତ ପାଇଁ ମାର୍ଚ୍ଚ ୩ ତାରିଖ, ୪୩ ଓ ୭୦ ନଂ ପାଣି ପଞ୍ଚୟତ ପାଇଁ ମାର୍ଚ୍ଚ ୧୧ ତାରିଖ, ୬୯ ଓ ୬୬ ନଂ ପାଣି ପଞ୍ଚାୟତ ପାଇଁ ମାର୍ଚ୍ଚ ୧୬ ତାରିଖ,୪୪ ନଂ ପାଣି ପଞ୍ଚାୟତ ପାଇଁ ମାର୍ଚ୍ଚ ୧୭ ତାରିଖ ଏବଂ ୭୧ ଓ ୭୫ ନଂ ପାଣି ପଞ୍ଚାୟତ ପାଇଁ ମାର୍ଚ୍ଚ ୧୯ ତାରିଖରେ ନାମାଙ୍କନ ପ୍ରାର୍ଥୀ ପତ୍ର ଦାଖଲ ହେବ ବୋଲି ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

## ଚିକିତ୍ସାରେ ବିଳମ୍ବ ଯୋଗୁ ଛାତ୍ରୀ ମୃତ୍ୟୁ ଘଟଣା

**କେନ୍ଦୁଝର, ୨୪।୨ (ସ୍ୱ.ପ୍ର.)**

ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ରାମଚନ୍ଦ୍ରପୁର ଆଶ୍ରମ ସ୍କୁଲ ରେ ରହି ପାଠପଢୁଥିବା ୫ ମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ହେମ୍ବ୍ରମଙ୍କ ଚିକିତ୍ସାରେ ବିଳମ୍ବ ଯୋଗୁ ମୃତ୍ୟୁ ଅଭିଯୋଗକୁ ନେଇ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ସବିଶେଷ ରିପୋର୍ଟ ଦେବାକୁ ଜାତୀୟ ମାନବାଧୀକାର କମିଶନ ଏସପି, କେନ୍ଦୁଝର ଓ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପମୁଖ ସଚିବଙ୍କୁ ଆଦେଶ କରିଛନ୍ତି । ୪ ସପ୍ତାହ ମଧ୍ୟରେ ଅର୍ଥାତ ଏପ୍ରିଲ ୨ ସୁଦ୍ଧା ରିପୋର୍ଟ ଦେବାକୁ କମିଶନ ଆଦେଶ କରିଥିବା ଜଣାପଡିଛି । ଏହି ଘଟଣାକୁ ନେଇ ମାନବାଧୀକାର କମିଶନଙ୍କ ନିକଟରେ ମାନବାଧିକାର କର୍ମୀ ୩୦ ଜାନୁୟାରୀରେ କରିଥିବା ଅଭିଯୋଗର ଶୁଣାଣି କରିବା ପରେ ଗତ ୧୯ ତାରିଖରେ କମିଶନ ଏହି ଆଦେଶ କରିଛନ୍ତି। ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦାଖଲ ନ କଲେ ଜାତୀୟ ମାନବାଧିକାର କମିଶନ ଆଇନ ୧୯୯୩, ଧାରା ୧୩ ଅନୁଯାୟୀ ବ୍ୟକ୍ତିଗତ ହାଜର ହେବେ ବୋଲି ସୂଚନା ଦିଆଯାଇଛି।

ପ୍ରକାଶ ଯେ ସଦର ଥାନା ଜନାର୍ଦ୍ଦନପୁର ପଞ୍ଚାୟତର ବାଲିପଶି ଗ୍ରାମର ତପସ୍ୱିନୀ ହେମ୍ବ୍ରମ ସାହାରପଡା ବ୍ଲକ ରାମଚନ୍ଦ୍ରପୁର ଆଶ୍ରମ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଥିଲେ । ସେ ଡିସେମ୍ବର ୩୧ ତାରିଖରେ ଝାଡାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ତେବେ ଚିକିତ୍ସାରେ ବିଳମ୍ବ ହେତୁ ଝିଅଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ବାପା ନବୀନ ହେମ୍ବ୍ରମ ଅଭିଯୋଗ କରିଥିଲେ । ବିଦ୍ୟାଳୟ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା ନ କରି ଘରକୁ ପଠାଇଦେଇଥିଲେ ଏବଂ ଗରୀବ ବାପା ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେବା ବେଳେ ସେଠାରେ ଚିକିତ୍ସିତ ଅବସ୍ଥାରେ ସେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାକୁ ମଙ୍ଗଳ ବିଭାଗ ପକ୍ଷରୁ ଠିକ ଭାବରେ ତଦନ୍ତ କରାଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇବା ପରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧୀକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଏହାକୁ ଗୁରୁତ୍ୱଦେଇ ମାମଲା (ନମ୍ବର ୪୧୨/୧୮/୭/୨୦୨୦)କୁ ଗ୍ରହଣ କରି ଏଭଳି ଆଦେଶ କରିଛନ୍ତି।

# ମହିଳାଙ୍କୁ ଅପହରଣ: ଥାନାରେ ୫ ଅଟକ

**ଆନନ୍ଦପୁର/ ଘସିପୁରା, ୨୪।୨ (ସ୍ୱ.ପ୍ର./ ଡି.ଏନ.ଏ.)**

କେନ୍ଦୁଝର ଜିଲା ଘସିପୁରା ଥାନା ଶାଳପଡା ବସଷ୍ଟପ୍ ନିକଟରୁ ରବିବାର ସନ୍ଧ୍ୟା ସମୟରେ ଜଣେ ମହିଳାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ଘସିପୁରା ପୋଲିସ ଦଫା ୩୫୨, ୩୨୩, ୩୬୩, ୩୦୪ରେ ଏକ ମାମଲା (ନଂ. ୩୨/୨୦) ରୁଜୁକରି ୫ ଜଣଙ୍କୁ ଅଟକ ରଖିଛି। ଅପହୃତା ମହିଳା ଜଣଙ୍କ ଯାଜପୁର ଅଞ୍ଚଳର ହୋଇଥିବାବେଳେ ସେ ରବିବାର ସକାଳ ସମୟରେ ଆନନ୍ଦପୁରସ୍ଥିତ ନିଜର ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସନ୍ଧ୍ୟା ସମୟରେ ନିଜ ଘରକୁ ଫେରିବା ପାଇଁ ଶାଳପଡାଠାରେ ଥିବା ବସଷ୍ଟପ୍ ନିକଟରେ ଛିଡା ହୋଇଥିବାବେଳେ ୫ ଜଣ ଯୁବକ ତାଙ୍କୁ ଘରେ ଛାଡିଦେବା କଥା କହି ଅପହରଣ କରି ସ୍ଥାନୀୟ ଜଳସମ୍ପଦ ବିଭାଗର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସରକାରୀ କ୍ୱାର୍ଟରକୁ ନେଇଯାଇଥିଲେ। ସେଠାରେ ମହିଳାଙ୍କ ସହ ବଳାତ୍କାର ଉଦ୍ୟମ ହୋଇଥିବା ଏବଂ ମାଡ଼ ମରାଯାଇଥିବା ଘସିପୁରା ଥାନାରେ ମହିଳା ଜଣଙ୍କ ଲିଖିତ ଅଭିଯୋଗ କରିଛନ୍ତି। ଅପହରଣର ଶିକାର ହୋଇଥିବା ମହିଳାଙ୍କ ସମ୍ପର୍କରେ କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ରବିବାର ରାତି ପ୍ରାୟ ୧୨ ଟା ସମୟରେ ସଂପୃକ୍ତ ମହିଳାଙ୍କୁ ଉଦ୍ଧାର କରିବା ସହିତ ୫ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

# ଜିଲାସ୍ତରୀୟ ଭାଗବତ ସମ୍ମିଳନୀ


ଶିବ ମନ୍ଦିର ପରିସରରେ ଜିଲାସ୍ତରୀୟ ଭାଗବତ ସମ୍ମିଳନୀ।

**କେନ୍ଦୁଝର, ୨୪।୨ (ସ୍ୱ.ପ୍ର.)**

ସ୍ଥାନୀୟ ଘୁଟୁକେଶରୀ ସ୍ଥିତ ଘଡଘଡି ଶିବ ମନ୍ଦିର ପରିସରରେ କେନ୍ଦୁଝର ଜିଲା ଭଗବତ ଭକ୍ତ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲା ଭାଗବତ ପ୍ରଚାର ପ୍ରସାର ସମିତି ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଧାୟକ ମୋହନ ମାଝୀ ଯୋଗଦେଇ ଭଗବତ ଚର୍ଚ୍ଚାର ଆବଶ୍ୟକତା ଓ ଉପାଦେୟତା ବିଷୟରେ ମତବ୍ୟକ୍ତ କରିଥିଲେ। ସମିତିର ସଭାପତି ଆଚାର୍ଯ୍ୟ ଦାଶରଥୀ ପ୍ରଧାନ ଓ ସମ୍ପାଦକ ଅଧାପକ ଜଗନ୍ନାଥ ଜେନାଙ୍କ ଆବାହନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଭାଗବତ ଟୁଙ୍ଗୀର କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ଭଗବତ ପ୍ରେମୀ ସାମିଲ ହୋଇ ଭଗବତ ଚର୍ଚ୍ଚା କରିଥିଲେ । ଏହି ଅବସରରେ ସମିତି ପକ୍ଷରୁ ସମସ୍ତ ଭାଗବତ ଟୁଙ୍ଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ବିଶିଷ୍ଟ ଭଗବତ ସାଧକ ଯୋଗ ଦେଇ ଭଗବତ ଉପରେ ପ୍ରବଚନ ଦେବା ସହ ଉପାଦେୟ ବିଷୟବସ୍ତୁ ଆଲୋଚନା କରିଥିଲେ। ଶେଷରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମିତିର କାର୍ଯ୍ୟକର୍ତ୍ତା ତଥା ଭଗବତ ସାଧକ ମାନେ ପରିଚାଳନା କରିଥିଲେ।

# କୃଷି ସଚେତନ ରଥ ଶୁଭାରମ୍ଭ

**ଚମ୍ପୁଆ, ୨୪।୨(ଡି.ଏନ.ଏ)**


କୃଷି ସଚେତନ ରଥକୁ ଡିଆରଡିଏ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଚମ୍ପୁଆ କୃଷି ଜିଲା କାର୍ଯ୍ୟାଳୟଠାରେ ଚାଷୀମାନଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ କୃଷି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲା ପ୍ରକଳ୍ପ ଅଧିକାରୀ (ଡିଆରଡିଏ) ଉଦ୍ଧବ ଚରଣ ମାଝୀ ପତାକା ହଲାଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏଓ ଶରତ ଚନ୍ଦ୍ର ଦାସ, ଏଡିଓ ଗଜେନ୍ଦ୍ରନାଥ ଗୋଚ୍ଛାୟତ ସହ ସହକାରୀ କୃଷି ଅଧିକାରୀ ଓ କୃଷି କର୍ମଚାରୀ ପ୍ରମୁଖ ଉପସ୍ଥିତିରେ ଏହି ରଥ ବାହାରିଥିଲା। ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର ଓ ଅବିନାଶ କୁମାର ବେହେରା ଏହାକୁ ପରିଚାଳନା କରିଥିଲେ। କୃଷି ସମ୍ବନ୍ଧୀୟ ସୂଚନା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କୃଷି ଯନ୍ତ୍ରପାତି ଯୋଜନା, ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ବିକ୍ରି ସହାୟତା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ରାଜ୍ୟ ଯୋଜନା, ମୃତ୍ତିକା ପରୀକ୍ଷା ଆବଶ୍ୟକତା ଓ ବ୍ୟବହାର ଆଦି ସହିତ ବିଭିନ୍ନ ପ୍ରକାରର ଚାଷ ଓ ଏହାର ରୋଗ ପୋକ ନିରାକରଣ ଆଦି ସୂଚନା ପ୍ରଦାନ କରି ଏହି ରଥ ୨୪ ରୁ ୨୯ ତାରଖ ପର୍ଯ୍ୟନ୍ତ ଚମ୍ପୁଆ, ଯୋଡ଼ା ଓ ଝୁମ୍ପୁରା ବ୍ଲକ ପରିକ୍ରମା କରିବା ସହିତ ଲୋକ ଗହଳି ସ୍ଥାନମାନଙ୍କରେ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ପାଲା ଗାୟକମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯିବ ବୋଲି ଜଣାଯାଇଛି। ୨୪ ଓ ୨୫ ତାରିଖରେ ଏହି ରଥ ଚମ୍ପୁଆ ବ୍ଲକ, ୨୬ ଓ ୨୭ ତାରିଖ ଝୁମ୍ପୁରା ବ୍ଲକ ଓ ୨୮ ଏବଂ ୨୯ ତାରିଖ ଯୋଡା ବ୍ଲକରେ ସଚେତନ କରିବ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଚୋରା କାଠ ଜବତ

**ପାଟଣା, ୨୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବନାଞ୍ଚଳରେ କାଠ ମାଫିଆଙ୍କ ରାଜ୍ ଏବେ ବଢ଼ିଚାଲିଛି। ସୋମବାର ଅପରାହ୍ନରେ ଏନଫୋର୍ସମେଣ୍ଟ ଆଣ୍ଡ କ୍ରାଇମ କଣ୍ଟ୍ରୋଲ ଟିମ ଏପିଆର ପୋଲିସଙ୍କ ସହାୟତାରେ କେନ୍ଦୁଝର ଏସିଏଫ ଅଜୟକୁମାର ସାହୁ, ପାଟଣା ରେଞ୍ଜର ପବିତ୍ର ମୋହନ ନାଏକ, ଡେପୁଟି ରେଞ୍ଜର ସ୍ୱରାଜ ପାତ୍ର , ବନ ପାଳ ସନ୍ତୋଷ କୁମାର ପୋହି ପ୍ରମୁଖ ରତନପୁର ସାହିର ଏକ ନବନିର୍ମିତ ଆବାସ ଭିତରୁ ୩୩ ଖଣ୍ଡ ଚୋରା ଚୌକାଠକୁ ଜବତ କରିଛି। ଏଗୁଡିକର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କା ହେବ ବୋଲି କେନ୍ଦୁଝର ସହକାରୀ ବନ ସଂରକ୍ଷକ ଅଜୟକୁମାର ସାହୁ କହିଛନ୍ତି।

ସେହିପରି ରବିବାର ସନ୍ଧ୍ୟାରେ ଖମୁଁଆ ରତନପୁରରୁ ବନ ବିଭାଗ ୪ଟି ଶାଳ ଗଣ୍ଡିକୁ ଜବତ କରିବା ସହ ୩୦ଟି ଶାଳ ପଟା ଓ ୧୪ଖଣ୍ଡ ଚୌକାଠକୁ ବନ ବିଭାଗ ଜବତ କରିବାକୁ ସଫଳ ହୋଇଛି। ଏଥିସହ କାଠ ମାଫିଆ ମାନେ କାଠ କାଟିବାରେ ବ୍ୟବହୃତ କରୁଥିବା ଏକ କରତକୁ ମଧ ବନ ବିଭାଗ ଜବତ କରିଥିଲା। ଜବତ ହୋଇଥିବା କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଡେପୁଟି ରେଞ୍ଜର ସ୍ୱରାଜ ପାତ୍ର ସୂଚନା ଦେଇଥିଲେ।

# ୨୫୨ ଅଭିଯୋଗର ଶୁଣାଣି

**ଚମ୍ପୁଆ, ୨୪।୨(ଡି.ଏନ.ଏ)**

ଚମ୍ପୁଆ ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣିରେ ଜିଲାପାଳ ଆଶିଷ ଠାକରେ ଯୋଗ ଦେଇ ୨୫୨ ଗୋଟି ଅଭିଯୋଗ ଶୁଣାଣି କରିଥିବା ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚରଣ ମାଝୀ, ସିଡିଏମଓ ଅଶୋକ ଦାସ, ଉପଜିଲାପାଳ ପ୍ରତାପ ପ୍ରିତିମୟ, ବ୍ଲକ ଚେୟାରମ୍ୟାନ ରମଣୀ ନାଏକ, ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୀପକ କୁମାର ସାହୁ ଓ ତହସିଲଦାର ଆଲୋକ କୁମାର ପଟେଲ ଯୋଗ ଦେଇଥିବାବେଳେ ସମସ୍ତ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ଚମ୍ପୁଆ ବ୍ଲକର ୨୨ ଗୋଟି ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିରେ ବିଭିନ୍ନ ସମସ୍ୟା ନେଇ ୨୫୨ ଗୋଟି ଅଭିଯୋଗ କରାଯାଇଥିଲା। ଅଭିଯୋଗ ଗୁଡିକ ମଧ୍ୟରେ ଭତ୍ତା, ଆବାସ ଯୋଜନା, ପାଇଖାନା, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ସହାୟତା, ଟାଉନ ଆଉଟ ପୋଷ୍ଟ ଓ ଉଠା ଜଳସେଚନ ପଏଣ୍ଟ ସହିତ ଆମ ଗାଁ ଆମ ବିକାଶ ଯୋଜନାର ବିଲ୍ ପ୍ରଦାନ ଆଦି ଅଭିଯୋଗ ହୋଇଥିଲା। ଜିଲାପାଳ ଉକ୍ତ ଅଭିଯେଗ ଗୁଡିକ ଶୁଣିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ବାରିକ, ଏପିଓ ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରମୁଖ ପରିଚାଳନା କରିଥିଲେ।


ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ।

# ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦାବିରେ ଧାରଣା

**ଯୋଡ଼ା, ୨୪।୨(ଡି.ଏନ.ଏ.)**



ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ କରାଯାଉଛି।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା କେତେକ ଖଣି କମ୍ପାନୀର ନିଲାମ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଯାଇଛି । ଏସେଲ ମାଇନିଂ, ରୁଙ୍ଗଟା, କେଜେଏସ୍ ଆହଲୁୱାଲିଆ ଆଦି ଖଣିକୁ ନୂତନ ଭାବେ ଅନ୍ୟ କମ୍ପାନୀମାନେ ଅକ୍ତିଆର କରିଛନ୍ତି। ଏସବୁ ପୁରୁଣା ଖଣିରେ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟରତ ଥିଲେ। ଉକ୍ତ ଖଣି କମ୍ପାନୀଗୁଡ଼ିକ ଯେହେତୁ ନିଲାମ ପ୍ରକ୍ରିୟାରେ ଭାଗ ନେଇ ପୁନଃ ଖଣି ପାଇବାରେ ଅସମର୍ଥ ହୋଇଛନ୍ତି, ତେଣୁ ସେମାନେ ନିଜ ନିଜ କର୍ମଚାରୀ ଓ ଶ୍ରମିକମାନଙ୍କୁ ଛଟେଇ କରିବା ପାଇଁ ନୋଟିସ ଜାରି କରିଛନ୍ତି। ସେହି ଶ୍ରମିକମାନଙ୍କ ପୁନଃ ନିଯୁକ୍ତି ଦାବିରେ ଏଆଇଟିୟୁସି ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଅନ୍ୟପକ୍ଷେ ଉକ୍ତ ଖଣିଗୁଡିକୁ ନିଜ ଅକ୍ତିଆରରେ ଆଣିଥିବା ନୂତନ ଲିଜ୍‌ଧାରୀମାନେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ନେଇ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ କରାଯାଇନାହିଁ। ଫଳରେ ଯୋଡ଼ା ଖଣି ମଣ୍ଡଳରେ କାର୍ଯ୍ୟ କରୁଥିବା ହଜାର ହଜାର ଶ୍ରମିକ ଓ କର୍ମଚାରୀମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଛି। ପରିବାର ପ୍ରତିପୋଷଣ ପାଇଁ ଖଣିରେ ନିଯୁକ୍ତି ସହିତ ସ୍ଥାନୀୟ ଲୋକେ ଋଣ ନେଇ ଟ୍ରକ ଡମ୍ପର କିଣି ଖଣିର ପରିବହନ କାର୍ଯ୍ୟରେ ଲଗାଇଛନ୍ତି। ଏହି ଟ୍ରକ ଡମ୍ପର ନିୟୋଜିତ ହେବା ଦ୍ୱାରା ବହୁ ଡ୍ରାଇଭର ଓ ହେଲପରଙ୍କ ପରିବାର ମଧ୍ୟ ଭରଣପୋଷଣ ହୋଇପାରୁଛି । ହେଲେ ବଡ଼ ବଡ଼ କମ୍ପାନୀ ଗୁଡ଼ିକ ଧୀରେ ଧୀରେ ପାଇପଲାଇନ୍ , ବେଲ୍ଟ ଲାଇନ୍ ଯୋଗୁ ପରିବହନ ଆରମ୍ଭ କରିଥିବାରୁ ଟ୍ରକ ଓ ଡମ୍ପରଗୁଡିକର ମାଲିକଙ୍କ ସମେତ ଡ୍ରାଇଭର ଓ ହେଲପରମାନେ ମଧ୍ୟ କାର୍ଯ୍ୟହରା ହେବାର ଆଶଙ୍କା ଦେଖାଦେଇଛି। ଆସନ୍ତା ମାର୍ଚ୍ଚ ମାସ ୨୦୨୦ରୁ ଉକ୍ତ ଖଣିଗୁଡିକ ବନ୍ଦ ହେଲେ ଯୋଡା ଖଣି ମଣ୍ଡଳରେ ବେରୋଜଗାର ସଂଖ୍ୟା ବୃଦ୍ଧି ପାଇବ । ଏହି ଖଣି ଶ୍ରମିକଙ୍କର ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଆଇଟିୟୁସି ପକ୍ଷରୁ ସରକାରଙ୍କଠାରେ ଅନେକ ଥର ଦାବି କରାଯାଇଛି। ଏଆଇଟିୟୁସି ନେତୃତ୍ୱରେ ହଜାର ହଜାର ଶ୍ରମିକ ଗତ ଜାନୁୟାରୀ ମାସ ୨୦ ତାରିଖରେ ଭୁବନେଶ୍ୱର ସଚିବାଳୟ ଘେରାଉ କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ପ୍ରଦାନ କରିବା ସତ୍ତ୍ୱେ ମଧ ଆଜି ପର୍ଯ୍ୟନ୍ତ ଶ୍ରମିକମାନଙ୍କର ଖଣିରେ ପୁନଃ ନିଯୁକ୍ତି ନେଇ ସରକାରଙ୍କ ପକ୍ଷରୁ କୌଣସି ସ୍ୱଷ୍ଟ ନୀତି ନିର୍ଦ୍ଧାରଣ କରାଯାଇ ନାହିଁ। ଏନେଇ ଏଆଇଟିୟୁସି ପକ୍ଷରୁ ବହୁ ଶ୍ରମିକ ସୋମବାର ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଏକ ବିଶାଳ ରାଲିରେ ବାହାରି ଯୋଡ଼ା ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଓ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ପୁନଃ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସମ୍ପାଦକ ରାମକୃଷ୍ଣ ପଣ୍ଡା ଶ୍ରମିକମାନଙ୍କୁ ଉଦ୍‌ବୋଧନରେ କହିଥିଲେ ଯେ, ରାଜ୍ୟ ସରକାର ଏବେ ଖଣିକୁ ନିଲାମ କରୁଛନ୍ତି, ବଡ଼ ବଡ଼ ଖଣିଗୁଡିକ ନୂଆ ମାଲିକଙ୍କ ହାତକୁ ଯାଉଛି । ସରକାର ଏ ଅଞ୍ଚଳରୁ ରାଜସ୍ୱ ପାଇ ମଧ ଶ୍ରମିକମାନଙ୍କୁ ଖଣିରେ ପୁନଃ ନିଯୁକ୍ତି ନେଇ କୌଣସି ସ୍ୱଷ୍ଟ କରୁନାହାନ୍ତି। ସେହିପରି ରାଜ୍ୟ ସମ୍ପାଦକ ମହେଶ୍ୱର ରାଉତ କହିଥିଲେ ଯେ, ନିଲାମ ପ୍ରକ୍ରିୟାରେ ଖଣି କମ୍ପାନୀଗୁଡିକ ବହୁତ ଅଧିକ ରେଟ୍ ଦେଇ ଖଣି ହାତେଇଛନ୍ତି। ହାତେଇଥିବା କମ୍ପାନୀଗୁଡିକ ସ୍ଥାୟୀ ଭାବେ ଖଣି ଚାଲୁକରିବା ନେଇ ଶ୍ରମିକମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି । ଏହାଦ୍ୱାରା ଖଣି ଚୋରି ହେବାର ସମ୍ଭାବନା ଅଧିକ ରହିଛି । ତେଣୁ କୌଣସି ଖଣି ଏଥି ଯୋଗୁ ବନ୍ଦ ନ ହେବା ଦିଗରେ ସରକାର ସ୍ୱଷ୍ଟନୀତି ଆଣନ୍ତୁ ଏବଂ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପୁନଃନିଯୁକ୍ତି ବାଧ୍ୟତାମୂଳକ କରନ୍ତୁ ବୋଲି ସେ କହିଥିଲେ ।